# ଖ୍ରୀଷ୍ଟବାଣୀ ସମର୍ପଣ

Vol. 25 - Issue 7 - July 2024 - Rs. 10/-



**ସୁସମାଚାର** ଯେଉଁମାନେ ଗ୍ରହଣ କରନ୍ତି – ପରମେଶ୍ୱରଙ୍କ ଲୋକ ଅଟନ୍ତି !
ଯେଉଁମାନେ ଘୋଷଣା କରନ୍ତି – ପରମେଶ୍ୱରଙ୍କ ସୈନ୍ୟ ଅଟନ୍ତି !

July
2024

ବିଶ୍ୱବାଣୀ ସମର୍ପଣ

**ପ୍ରକାଶନ କାର୍ଯ୍ୟାଳୟ**
1-10-28/247, Anandapuram,
Kushaiguda, **E.C.I.L. P.O.,**
**Hyderabad**-500 062
✆ 040 - 27125557,Fax : 27126004
e-mail: samarpan@vishwavani.org

**ପ୍ରଶାସନିକ କାର୍ଯ୍ୟାଳୟ**
20, Raghul Street, T.M.P. Nagar, Pudur,
Ambattur, Chennai-600053, ✆ 26869200
vishwavaninet@vishwavani.org

**ପ୍ରାଦେଶିକ କାର୍ଯ୍ୟାଳୟ**
Plot No.- 754 - 760 / 4, Jayadev Vihar
Bhubaneswar - 751013, Odisha
✆ 0674-2360726, 2360425

ବିଶ୍ୱବାଣୀ ସମର୍ପଣ ସମାଚାର ପତ୍ରିକା ପ୍ରତିମାସରେ ନିୟମିତ ଭାବରେ ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରାଠୀ, କନ୍ନଡ଼, ତାମିଲ, ମାଲାୟାଲମ, ତେଲୁଗୁ, କୋକ୍‌ବୋରକ ଓ ସୌରା ଭାଷାରେ ପ୍ରକାଶ ପାଉଅଛି । ବାର୍ଷିକ ଦେୟ ଟ.୧୦୦/-ଙ୍କା ।

## ଏହି ସଂଖ୍ୟାରେ....

**02...**ଧ୍ୟାନ ନିମନ୍ତେ ପ୍ରସଙ୍ଗ ...
**03...**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପତ୍ର...
**07...**ଆଞ୍ଚଳିକ ସଂଯୋଜକଙ୍କ ପତ୍ର...
**10...**ନେର୍ଟୱାର୍କ ସଭାପତିଙ୍କ ଠାରୁ....
**13...**ବାଇବଲ ଅଧ୍ୟୟନ..
**16...**ପରମେଶ୍ୱରଙ୍କ ସନ୍ତାନମାନଙ୍କର...
**20...**ପ୍ରଚ୍ଛଦପଟ୍ଟ ବୃତ୍ତାନ୍ତ....
**23...**ପ୍ରାର୍ଥନା......
**25...**କ୍ଷେତ୍ର ସମାଚାର...



ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଗୌରବମୟ ସୁସମାଚର ଦ୍ୱାରା
ଭାରତୀୟ ଗ୍ରାମଗୁଡିକ
ଆଶିର୍ବାଦଯୁକ୍ତ ହେବା ଲକ୍ଷ୍ୟ କରିବା ।

## ଧ୍ୟାନ ନିମନ୍ତେ ପ୍ରସଙ୍ଗ....

- ଖ୍ରୀଷ୍ଟଙ୍କର ସୁସମାଚାର ଯଦି ଆମ୍ଭେମାନେ ଗ୍ରହଣ କରୁ - ତେବେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ । ଯଦି ଆମ୍ଭେମାନେ ଘୋଷଣା କରୁ - ତେବେ ଆମ୍ଭେମାନେ ଈଶ୍ୱରଙ୍କର ସୈନିକ ଅଟୁ ।
- ଈଶ୍ୱରଙ୍କର ସନ୍ତାନ ଅର୍ଥ - ପ୍ରେମ ।ଈଶ୍ୱରଙ୍କର ସୈନ୍ୟ ଅର୍ଥ - ଏକତା,କାଲବରୀ - ପ୍ରେମର ପ୍ରତୀକ, ଉପର କୋଠରୀ - ଏକତାର ପ୍ରତୀକ ।
- ସୁସମାଚାରକୁ ଯେଉଁମାନେ ଗ୍ରହଣ କରନ୍ତି କିନ୍ତୁ ଘୋଷଣା କରନ୍ତି ନାହିଁ, ସେମାନେ ପରିଷ୍କାର ଓ ସୁସଜ୍ଜିତ ଗୃହତୁଲ୍ୟ ଅଟନ୍ତି । ସେମାନଙ୍କର ବର୍ତ୍ତମାନ ଦିନ ଅପେକ୍ଷା ଆଗାମୀ ଦିନ ଅତି ଭୟଙ୍କର ହେବ ।
- ଲୋକମାନେ ପୃଥିବୀରେ ଜନ୍ମଗ୍ରହଣ କରନ୍ତି ଓ ମୃତ୍ୟୁ ଭୋଗ କରନ୍ତି । କିନ୍ତୁ ପରମେଶ୍ୱରଙ୍କର ସନ୍ତାନମାନେ କଦାପି ମୃତ୍ୟୁ ବରଣ କରିବେ ନାହିଁ ।ଜଗତରେ ସୈନ୍ୟମାନେ ଉତ୍‌ଥାନ ଓ ପତ୍ତନ ମଧ୍ୟ ଦେଇ ଗତିକରି ଥାଆନ୍ତି, କିନ୍ତୁ ଈଶ୍ୱରଙ୍କର ସୈନ୍ୟମାନେ କଦାପି ମିଳନ ହେବେ ନାହିଁ ।
- ଯେତେବେଳେ ଆମ୍ଭେମାନେ କୃଶ ନିକଟକୁ ଆସୁ, ସେତେବେଳେ ଆମ୍ଭେମାନେ ଈଶ୍ୱରଙ୍କର ସନ୍ତାନ ଅଟୁ ।
- ଯେତେବେଳେ ଆମ୍ଭେମାନେ କୃଶ ବହନ କରୁ, ସେତେବେଳେ ଆମ୍ଭେମାନେ ଈଶ୍ୱରଙ୍କର ସୈନ୍ୟ ଅଟୁ’ ।
- ସୁଫ ସାଗର ଫାରୋର ସୈନ୍ୟ ମନାଙ୍କୁ ଗ୍ରାସ କରିଥିଲା କିନ୍ତୁ ଈଶ୍ୱରଙ୍କ ଲୋକମାନଙ୍କୁ ଏହି ସାଗର ପଥ ଦେଖାଇ ଥିଲା ।
- ଜଗତ ଲୋକମାନଙ୍କର ନାମ ଧୂଳିରେ ଲିଖିତ ଅଟେ । କିନ୍ତୁ ଈଶ୍ୱରଙ୍କ ଲୋକମାନଙ୍କର ନାମ ଜୀବନ ପୁସ୍ତକରେ ଲିପିବଦ୍ଧ ଅଟେ ।
- ଦାସ ମାନଙ୍କର ଚକ୍ଷ୍ୟୁ ଜଗତର ସୈନ୍ୟମାନଙ୍କୁ ଦେଖିପାରିଥିଲା ।
- ଈଶ୍ୱରଙ୍କର ସୈନ୍ୟ ହେବା ଦ୍ୱାରା ଆମ୍ଭେମାନେ ସୁସମାଚାର ପ୍ରଚାର କରିବା ଆବଶ୍ୟକ ।

# କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କର ପତ୍ର...

ଆମ୍ଭମାନଙ୍କର ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଙ୍କ ନାମରେ ଆପଣମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଅଛି ।

ଚଳିତ ଆର୍ଥିକ ବର୍ଷର ଗତ ୩ ମାସ ମଧ୍ୟରେ ସେବାକାର୍ଯ୍ୟ ନିମନ୍ତେ ପରମେଶ୍ୱରଙ୍କ ଆଶିର୍ବାଦ ପାଇଁ ମୁଁ ତାଙ୍କୁ ବିଶେଷ ଧନ୍ୟବାଦ ଜ୍ଞାପନ କରୁଅଛି । ବିଶ୍ୱାସୀମାନଙ୍କର ଜୀବନରେ ଶକ୍ତିଯୁକ୍ତ ଭାବରେ କାର୍ଯ୍ୟ କରୁଥିବା ତଥା ସେହିପରି ସହସ୍ରାଧିକ ବିଶ୍ୱାସୀମାନଙ୍କର ନାମ ଜୀବନ ପୁସ୍ତକରେ ଲିପିବଦ୍ଧ ହୋଇଥିବାରୁ ମୁଁ ପରମେଶ୍ୱରଙ୍କ ନାମକୁ ଗୌରବାନ୍ୱିତ କରୁଅଛି । ତାଙ୍କର ଏହି ମହାନ କାର୍ଯ୍ୟରେ ଆମ୍ଭମାନଙ୍କୁ ମଧ୍ୟ ଅନୁଗ୍ରହର ସହିତ ବ୍ୟବହାର କରୁଥିବାରୁ ଆସନ୍ତୁ ତାଙ୍କୁ କୃତଜ୍ଞତା ଅର୍ପଣ କରୁ । ବିଶ୍ୱାସ ଓ ନମ୍ରତାର ସହିତ ସୁସମାଚାର ଗ୍ରହଣ କରିଥିବା ପରମେଶ୍ୱରଙ୍କ ସନ୍ତାନମାନଙ୍କର ସଂଖ୍ୟା କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ବୃଦ୍ଧି ପ୍ରାପ୍ତ ହେଉଅଛି । ସ୍ଥାନୀୟ କାର୍ଯ୍ୟକାରୀ ଏବଂ ପ୍ରାର୍ଥନା ସହଯୋଗୀ ବନ୍ଧୁମାନେ ମଧ୍ୟ ପରମେଶ୍ୱରଙ୍କ ସୈନ୍ୟ ଭାବରେ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଲାଗି ରହିଅଛନ୍ତି । ତେଣୁ ତାଙ୍କର ନାମ ଉର୍ଦ୍ଧ୍ୱକୃତ ହେଉ ।

**ଆନନ୍ଦରେ ସୁସମାଚାର ଗ୍ରହଣ କରିଅଛନ୍ତି :**

ଆଦ୍ୟ ମଣ୍ଡଳୀ ସ୍ଥାପନ ହେବା ପୂର୍ବରୁ ପେଣ୍ଟିକଷ୍ଟ ଦିବସରେ ପିତରଙ୍କ ଦ୍ୱାରା ଦିଆଯାଇଥିବା ପ୍ରଥମ ସନ୍ଦେଶ ପ୍ରେରିତ ୨ ଅଧ୍ୟାୟରେ ଉଲ୍ଲେଖ ହୋଇଅଛି । ଏଠାରେ ସେ  ନିଜର ଚିନ୍ତା, ବିଚାରଧାରା ଏବଂ ଅନୁଭୂତି ପରିବର୍ତ୍ତେ ମୃତ୍ୟୁ ଓ ଶୟତାନ ଉପରେ ବିଜୟ ଲାଭ କରିଥିବା ଯୀଶୁଖ୍ରୀଷ୍ଟଙ୍କର ଜୀବନ୍ତ ବାକ୍ୟ ଘୋଷଣା କରିଥିଲେ (ପ୍ରେରିତ ୨:୧୪-୩୬) । ଲୋକମାନଙ୍କର ନିକଟରେ ଘୋଷଣା କରାଯାଇଥିବା ପରମେଶ୍ୱରଙ୍କ ବାକ୍ୟ ସେମାନେ ଗ୍ରହଣ କରିଥିଲେ ବୋଲି ପ୍ରେରିତ ୨:୪୧;୧୩:୪୮ ଏବଂ ୧୭:୧୧ ପଦ ସ୍ପଷ୍ଟ ଭାବରେ ପ୍ରକାଶ କରିଅଛି ।ଯଦିଓ ଅନେକ ଲୋକମାନେ ପରମେଶ୍ୱରଙ୍କ ବାକ୍ୟ ଶୁଣିଥିଲେ ମାତ୍ର ସେମାନଙ୍କର ମଧ୍ୟରୁ ଅଧିକାଂଶ ଲୋକମାନେ ସେଥିରେ ବିଶ୍ୱାସ କରିନଥିବାରୁ ସେମାନଙ୍କର ହୃଦୟରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇ ନଥିଲା । ଆଥନୀ ସହରର ଧନୀ ଓ ଜ୍ଞାନୀ ଲୋକମାନେ ତଥା ଅନ୍ୟମାନେ ପ୍ରେରିତ ପାଉଲଙ୍କର ପ୍ରଚାରକୁ ବିଶ୍ୱାସ କରିନଥିଲେ । ସେମାନେ ତାଙ୍କୁ ଥଟ୍ଟା ଓ ପରିହାରସ କରି ମନପରିବର୍ତ୍ତନ ମୁଲତାବୀ ରଖିଥିଲେ (ପ୍ରେରିତ ୧୭:୩୨) ।ପରବର୍ତ୍ତି ଦିନ ସେମାନଙ୍କର ହସ୍ତରେ ନୁହେଁ ମାତ୍ର ପରମେଶ୍ୱରଙ୍କ ହସ୍ତରେ ରହିଅଛି ବୋଲି ସେମାନେ ସଂପୂର୍ଣ୍ଣ ଭାବରେ ଭୁଲି ଯାଇଥିଲେ ।

ସୁସମାଚାରରେ ବିଶ୍ୱାସ କରିଥିବା ତଥା ସକ୍ରିୟ ଭାବରେ ଗ୍ରହଣ କରିଥିବା ଲୋକମାନଙ୍କର ସଂଖ୍ୟା ପ୍ରଥମେ ୩,୦୦୦ (୨:୪୧) ତା'ପରେ ୫,୦୦୦ (୪:୪) ଏବଂ ପରବର୍ତ୍ତି ସମୟରେ ଅସଂଖ୍ୟ ହୋଇଥିଲା (୫:୧୪;୧୧:୨୧) ବୋଲି ଇତିହାସ ପ୍ରକାଶ କରେ । ଆନ୍ତିୟଖିଆରେ ବିଶ୍ୱାସୀମାନେ ସର୍ବପ୍ରଥମରେ ଖ୍ରୀଷ୍ଟିୟାନ ଭାବରେ ପରିଚିତ ହୋଇଥିଲେ ।ମୋତେ ପଛକୁ ଟାଣିବାକୁ ଚେଷ୍ଟା କରୁଥିବା ଜଗତ, ମନୁଷ୍ୟ ଏବଂ ଶୟତାନକୁ ନୁହେଁ ମାତ୍ର ମୁଁ କେବଳ ଯୀଶୀଖ୍ରୀଷ୍ଟଙ୍କୁ ଗ୍ରହଣ କରିବି ବୋଲି ଏମିଲ ଜେବାସିଂଙ୍କ କହିଥିବା ବାକ୍ୟ ମୁଁ ସ୍ମରଣ କରୁଅଛି । (ପ୍ରେରିତ ୧୬:୩୦-୩୪)

**ସତ୍ୟତାର ସହିତ ସୁସମାଚାର ଘୋଷଣା କରାଗଲା :**

ଜଗତର ସମସ୍ତ ଲୋକମାନଙ୍କୁ ପ୍ରଭୁ ଯୀଶୁ ପ୍ରେମ କରନ୍ତି । ସଦାପ୍ରଭୁଙ୍କ ନାମରେ ଯେଉଁମାନେ ଉପାସନା କରିବେ ସେମାନେ ପରିତ୍ରାଣପ୍ରାପ୍ତ ହେବେ । ଯେପର୍ଯ୍ୟନ୍ତ ସୁସମାଚାର ଘୋଷଣା ନକରାଯିବ ସେ ପର୍ଯ୍ୟନ୍ତ ଏହି ଜଗତ ପରିତ୍ରାଣ ପ୍ରାପ୍ତ ହୋଇ ପାରିବ ନାହିଁ ବୋଲି ଏହି ସତ୍ୟତାକୁ ପ୍ରେରିତ ପାଉଲ ନିଜେ ରୋମୀୟ ୧୦:୧୨-୧୮ ପଦରେ ପ୍ରକାଶ କରିଅଛନ୍ତି । ଆପଣମାନେ ମଧ୍ୟ ନିମ୍ନୋକ୍ତ ବାଇବଲର ଅଂଶ ଗୁଡ଼ିକୁ ଧ୍ୟାନ କରି ଆପଣମାନଙ୍କର ଆନ୍ତରିକ ମନୁଷ୍ୟକୁ ଶକ୍ତିଯୁକ୍ତ କରିପାରିବେ (ଯୋହନ ୩:୧୬; ୭:୩୭; ୫:୨୪; ୧ଯୋହନ ୪:୧୫; ୫:୧) ।

ପ୍ରଚାରକ ବିନା ଆମ୍ଭେମାନେ କିପରି ଭାବରେ ସୁସମାଚାର ଘୋଷଣା କରିପାରିବା ? ଯେତେବେଳେ ଲୋକମାନେ ଆଗ୍ରହର ସହିତ ସୁସମାଚାର ଶୁଣିବା ନିମନ୍ତେ ଅପେକ୍ଷା କରନ୍ତି ସେତେବେଳେ ଜଣେ ପୂର୍ଣ୍ଣ ସମୟକାଳୀନ ସୁସମାଚାର ପ୍ରଚାରକ ବା ଜଣେ ସ୍ୱାଧିନ ଭାବରେ କାର୍ଯ୍ୟ କରୁଥିବା ପ୍ରଚାରକ ସେମାନଙ୍କର ନିକଟରେ ସୁସମାଚାର ଘୋଷଣା କରିଥାନ୍ତି । ମାତ୍ର ସେମାନଙ୍କୁ ସେହି ନିର୍ଦ୍ଦିଷ୍ଟ ଦଳ ନିମନ୍ତେ ପ୍ରେରଣ କରାଯିବା ଆବଶ୍ୟକ ବା ସେମାନେ ସ୍ୱତପ୍ରବୃତ୍ତ

ଭାବରେ ସେମାନଙ୍କର ନିକଟରେ ପହଞ୍ଚିବା ଏକାନ୍ତ ଆବଶ୍ୟକ ଅଟେ । (ଯୋହନ୧୫:୧୬; ୨କରିନ୍ଥୀୟ ୫:୨୦; ଏଫିସୀୟ ୩:୭; ମାର୍କ ୧୬:୧୫) ।

**ଆତ୍ମାଲାଭ କରିବା ନିମନ୍ତେ ସତ୍ୟତାର ସହିତ ସୁସମାଚାର ଘୋଷଣା କରୁଥିବା ସୁସମାଚାର ସେବକମାନଙ୍କର ମଧ୍ୟରେ ରହିଥିବା ଚରିତ୍ର ବିଷୟରେ ଉଲ୍ଲେଖ କରାଯାଇଅଛି :**

**୧. ବିନଷ୍ଟ ହେଉଥିବା ଆତ୍ମାଗୁଡ଼ିକ ପାଇଁ ଅନୁକମ୍ପା :** ଶବ୍ଦ ଅନୁକମ୍ପା ଶବ୍ଦ ଚିନ୍ତିତ ଠାରୁ ଅଧିକ ଶକ୍ତିଶାଳୀ ଅଟେ । ଏହାକୁ ଅଧିକତର  ପ୍ରେମ ସହିତ କାର୍ଯ୍ୟ କରିବା ରୂପରେ ପରିଭାଷିତ କରାଯାଇଥାଏ । ପ୍ରେମର ସହିତ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଦୟାପୂର୍ବକ ଲୁକ ୧୫:୨୦ ଏବଂ ମାର୍କ ୧:୪୦-୪୧ ପାଠ କରି ତାହାର ଅନୁକରଣ କରନ୍ତୁ ।

**୨. ପିତାଙ୍କର ସିଦ୍ଧ ଇଚ୍ଛା ନିମନ୍ତେ ପ୍ରତିବଦ୍ଧତା :** ପିତାଙ୍କର ଇଚ୍ଛା ସାଧନ କରିବା ତଥା ତାହା ସଂପୂର୍ଣ୍ଣ କରିବା ତାଙ୍କର ଖାଦ୍ୟ ଅଟେ ବୋଲି ସ୍ୱୟଂ ପ୍ରଭୁ ଯୀଶୁ ଯୋହନ ୪:୩୪ ପଦରେ କହିଅଛନ୍ତି । ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ବିଷୟରେ ଜ୍ଞାନ ପାଇ ପାରନ୍ତି, ଏହା ସେ ଇଚ୍ଛା କରନ୍ତି (୧ତୀମଥି ୨:୪) । ଏହି ନିର୍ଦ୍ଦିଷ୍ଟ କାରଣ ନିମନ୍ତେ ତାଙ୍କର ଦ୍ୱିତୀୟ ଆଗମନ ବିଳମ୍ବ ହେଉଅଛି (୨ପିତର ୩:୯) । ପିତା ଯେପ୍ରକାରେ ମୋତେ ପ୍ରେରଣ କରିଅଛନ୍ତି; ମୁଁ ମଧ୍ୟ ସେ ପ୍ରକାରେ ତୁମ୍ଭମାନଙ୍କୁ ପ୍ରେରଣ କରୁଅଛି" ବୋଲି ଯୋହନ ୨୦:୨୧ ପଦରେ ପ୍ରଭୁ ଯୀଶୁ ଅଧିକ ଗୁରୁତ୍ୱ ପ୍ରଦାନ କରିଅଛନ୍ତି ।

**୩. ସମୟର ତତ୍କାଳୀନତାର ସଚେତନଶୀଳତା :** କ୍ଷେତ୍ର ଗୁଡ଼ିକରେ କାଟିବା ନିମନ୍ତେ ଶସ୍ୟ ପାଚିଯାଇଥିବାରୁ ସେଗୁଡ଼ିକୁ କାଟିବା ପାଇଁ ଶିଷ୍ୟମାନେ କ'ଣ ପ୍ରସ୍ତୁତ ଅଟନ୍ତି ସେହି ବିଷୟରେ ପ୍ରଭୁ ଯୀଶୁ ଶିଷ୍ୟମାନଙ୍କୁ ପ୍ରଶ୍ନ କରିଥିଲେ । (ଯୋହନ ୪:୩୫) ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ସତର୍କ କରି କହିଅଛନ୍ତି, "ଦିନ ଥାଉଥାଉ ମୋହର ପ୍ରେରଣକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ; ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ରି ଆସୁଅଛି (ଯୋହନ ୯:୪) । ପୁଣି ସୁଯୋଗର ସତ୍ ବ୍ୟବହାର କର, କାରଣ କାଳ ମନ୍ଦ ଅଟେ (ଏଫିସୀୟ ୫:୧୭) । ତେବେ ସେମାନେ ପରସ୍ପର କହିଲେ, "ଆମ୍ଭେମାନେ ଭଲ କରୁ ନାହୁଁ; ଆଜି ସୁସମ୍ବାଦର ଦିନ, ମାତ୍ର ଆମ୍ଭେମାନେ ତୁନି ହୋଇ ରହୁଅଛୁ ; ଯେବେ ଆମ୍ଭେମାନେ ପ୍ରଭାତ ଆଲୁଅ ପର୍ଯ୍ୟନ୍ତ ବିଳମ୍ବ କରୁ, ତେବେ ଆମ୍ଭମାନଙ୍କୁ ଦଣ୍ଡ ଘଟିବ; ଏହେତୁ ଏବେ ଆସ ଆମ୍ଭେମାନେ ଯାଇ ରାଜଗୃହରେ ସମ୍ବାଦ ଦେଉ ।" (୨ରାଜାବଳୀ ୭:୯) ।

**ସୁସମାଚାର କାର୍ଯ୍ୟରେ ସେବାକାର୍ଯ୍ୟର ଅଂଶୀଦାର :**

ଆତ୍ମା ଲାଭ ମହାଆନନ୍ଦ ଆଣିଥାଏ (ଲୁକ ୧୫:୭) । ମାତ୍ର ଅଧିକାଂଶ ଖ୍ରୀଷ୍ଟିୟାନ ଏହି କାର୍ଯ୍ୟରେ ସଂପୂର୍ଣ୍ଣ ହୃଦୟର ସହିତ ଅନ୍ତର୍ଭୂକ୍ତ ହୋଇନଥାନ୍ତି (ହିତୋପଦେଶ ୨୯:୧୮) ସୁସମାଚାର କାର୍ଯ୍ୟରେ ପ୍ରତିବନ୍ଧକ, ଶୟତାନ ଶକ୍ତିର ପରିମାଣ ସ୍ୱରୂପେ ହେଉଥିବା ପ୍ରତିରୋଧ, ସୁସମାଚାର କାର୍ଯ୍ୟରେ ତତ୍କାଳ ପରିଣାମ ମିଳୁନଥିବାରୁ ବିଫଳତାର ଭୟ, ନିଜ ସମ୍ବନ୍ଧରେ ଆତ୍ମସମ୍ମାନର ଅଭାବ, ବାଇବଲ ସମ୍ବନ୍ଧୀୟ ଉପଯୁକ୍ତ ଜ୍ଞାନ ନଥିବା ଯୋଗୁଁ ଅନ୍ୟ ବିଶ୍ୱାସମତବାଦର ଲୋକମାନଙ୍କର ଦ୍ୱାରା ଉଠାଯାଉଥିବା ପ୍ରଶ୍ନର ଉପଯୁକ୍ତ ସ୍ପଷ୍ଟୀକରଣ ପ୍ରଦାନ କରିବାରେ ଅସମର୍ଥ ଯୋଗୁଁ ଅନେକ ଖ୍ରୀଷ୍ଟିୟାନମାନେ ସୁସମାଚାର କାର୍ଯ୍ୟରୁ ସର୍ବଦା ଦୂରରେ ରହନ୍ତି । ୨ କରିନ୍ଥୀୟ ୫:୧-୨୦ ପଦରେ ପ୍ରେରିତ ନିଜକୁ ଏକ ଉଦାହରଣ ସ୍ୱରୂପେ ଚିତ୍ରିତ କରିଅଛନ୍ତି ଏବଂ ଜଣେ ବିଶ୍ୱସ୍ତ ସୁସମାଚାର ସେବକ ଅବା ବିଶ୍ୱାସୀ କିପରି ଭାବରେ ସେବାକାର୍ଯ୍ୟର ସହଭାଗୀ ହୋଇପାରିବ ତାହାର କାରଣ ପ୍ରକାଶ କରିଅଛନ୍ତି ।

୧. ମାନବ ହସ୍ତରେ ନିର୍ମିତ ହୋଇ ନ ଥିବା ସ୍ୱର୍ଗର ଅନନ୍ତକାଳୀନ ବାସଭବନ ଉପରେ ଦୃଢ଼ ବିଶ୍ୱାସ କରିବା (୧-୮ ପଦ)

୨. ଏହି ଜଗତ ମଧ୍ୟରେ ଖ୍ରୀଷ୍ଟଙ୍କୁ ସନ୍ତୁଷ୍ଟ କରିବା (୯ପଦ)

୩. ଆମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କର ବିଚାର ସିଂହାସନ ସମ୍ମୁଖରେ ଦିନେ ଉପସ୍ଥିତ ହେବା ବୋଲି ଭୟ କରିବା (୧୦ପଦ)

୪. ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କୁ ବାଧ୍ୟ କରିବ (୧୪ପଦ)

୫. ଆମ୍ଭେମାନେ କୌଣସି ମନୁଷ୍ୟ ଠାରୁ ନୁହେଁ ମାତ୍ର ଖ୍ରୀଷ୍ଟଙ୍କଠାରୁ ପୁନଃମିଳନରେ ସେବାକାର୍ଯ୍ୟ ପ୍ରାପ୍ତ ହୋଇଅଛୁ (୧୮-୨୦ପଦ)

### ସୁସମାଚାର କାର୍ଯ୍ୟର ଫଳାଫଳ ନିମନ୍ତେ ପରମେଶ୍ୱରଙ୍କ ଗୌରବ ହେଉ :

- ଗତ ଦୁଇ ମାସ ମଧ୍ୟରେ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ୧୦୫୬ ଜଣ ନୂତନ ବିଶ୍ୱାସୀ ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି ଏବଂ ୧୨,୪୩୩ ଜଣ ନୂତନ ବିଶ୍ୱାସୀ ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିବା ନିମନ୍ତେ ପ୍ରାସ୍ତୁତ ହେଉଅଛନ୍ତି ।
- ଚଳିତ ଆର୍ଥିକ ବର୍ଷର ଗତ ୩ ମାସ ମଧ୍ୟରେ ୨୦ ଗୋଟି ନବନିର୍ମିତ ଉପାସନା ଗୃହକୁ ପରମେଶ୍ୱରଙ୍କ ଗୌରବ ନିମନ୍ତେ ଉତ୍ସର୍ଗ କରାଯାଇଅଛି ଏବଂ ୯୮ ଗୋଟି ଉପାସନା ଗୃହର ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଅଗ୍ରସର ହେଉଅଛି ।
- ବିଶେଷ ରୂପରେ ଉତ୍ତର ଭାରତରେ କାର୍ଯ୍ୟକରୁଥିବା ହିନ୍ଦୀ ବାଷାବାଦୀ କାର୍ଯ୍ୟକାରୀମାନଙ୍କର ନିମନ୍ତେ ପଞ୍ଜାବ ରାଜ୍ୟର ପଠାଣକୋଟ ସହରରେ ନିର୍ମିତ ତାଲିମ କେନ୍ଦ୍ର ପାଇଁ ଜମି କିଣିବା ନିମନ୍ତେ ପ୍ରଥମ ପର୍ଯ୍ୟାୟର ଅର୍ଥ ପ୍ରଦାନ କରିବା ନିନ୍ତେ ପରମେଶ୍ୱର ସାହାର୍ଯ୍ୟ କରିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।
- ତାମିଲ ନାଡୁ ରାଜ୍ୟର ପଶ୍ଚିମ ଭାଗରେ ଅବସ୍ଥିତ ଜିଲ୍ଲା ଗୁଡ଼ିକ, ଉତ୍ତର ଭାରତ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ରାଜ୍ୟର ରାଜ୍ୟସ୍ତରୀୟ ବିଶ୍ୱାସୀ ସମାବେଶ ଗୁଡ଼ିକ ସଫଳତା ପୂର୍ବକ ସମାପ୍ତ ହୋଇଅଛି ।
- ୪୯ ଜଣ ଯୁବବନ୍ଧୁ ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ତାଲିମ ସମାପ୍ତ କରି କ୍ଷେତ୍ର ଗୁଡ଼ିକରେ ପାଦ ପକାଇଥିବାରୁ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ଗୌରବ କରନ୍ତୁ ।
- ବିଶେଷ ରୂପରେ କାର୍ଯ୍ୟକ୍ଷେତ୍ରର ପିଲାମାନଙ୍କର ନିମନ୍ତେ ଆୟୋଜିତ ବିଶ୍ୱବାଣୀ ଗ୍ରୀଷ୍ମକାଳୀନ ଅବକାଶ ବାଇବଲ ସ୍କୁଲ ମାଧ୍ୟମରେ ୧୬,୭୨୦ ଜଣ ପିଲା ଅଧିକ ଉପକୃତ ହୋଇଥିବାରୁ ପରମେଶ୍ୱରଙ୍କ ଗୌରବ ହେଉ ।
- ଆଦିବାସୀ ତଥା ଆମର ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟକାରୀ ମାନଙ୍କର ପିଲାମାନେ ନିଜର ପରୀକ୍ଷାରେ ଉତ୍କୃଷ୍ଟ ମାର୍କ ହାସଲ କରି ଉର୍ଦ୍ଧ ଶିକ୍ଷା ନିମନ୍ତେ ଅଗ୍ରସର ହେଉଥିବାରୁ ପରମେଶ୍ୱରଙ୍କ ପ୍ରଶଂସା କରନ୍ତୁ ।
- ପ୍ରତିମାସରେ ପ୍ରକାଶିତ ହେଉଥିବା ଆମର ସମର୍ପଣ ସମାଚାର ପତ୍ରିକା ୧୨ ଗୋଟି ଭାଷରେ ପ୍ରକାଶିତ ହୋଇଥାଏ ଏବଂ ଏହା ଏକଲକ୍ଷ ଷାଠିଏ ହଜାର ଗୋଟି ପରିବାର ନିକଟକୁ ଆମର ସେବାକାର୍ଯ୍ୟର ଦର୍ଶନ ବହନ କରୁଥିବାରୁ ପରମେଶ୍ୱରଙ୍କ ଗୌରବ କରନ୍ତୁ
- ସମାଜିକ ଉନ୍ନୟନ ଯୋଜନା ଗୁଡ଼ିକ ଏବଂ SFCAN ପରିକଳ୍ପନ ଶତାଧିକ ପରିବାର ନିମନ୍ତେ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଥିବାରୁ ପରମେଶ୍ୱରଙ୍କ ଗୌରବ ହେଉ ।

### ସମର୍ଥକ ମାନଙ୍କୁ ବିନମ୍ର ଅନୁରୋଧ :

➪ ସମର୍ପଣ ସମାଚାର ପତ୍ରିକାର ବାର୍ଷିକ ଦେୟ ଟ୧୦୦ଙ୍କା ଦୟାପୂର୍ବକ ପ୍ରେରଣ କରନ୍ତୁ । ସମର୍ପଣ ସମାଚାର ପତ୍ରିକାକୁ ପାଠ କରି ସେବାକାର୍ଯ୍ୟ ନିମନ୍ତେ ନିୟମିତ ଭାବରେ ପ୍ରାର୍ଥନା କରନ୍ତୁ । ଆପଣମାନଙ୍କର ସହିତ ଉପଯୁକ୍ତ ଭାବରେ ଯୋଗାଯୋଗ କରିବା ନିମନ୍ତେ ଯଦି ଆପଣମାନଙ୍କର ଠିକଣା ପରିବର୍ତ୍ତନ ହୋଇଅଛି ତେବେ ସଠିକ୍ ଠିକଣା ଆମ୍ଭମାନଙ୍କର ନିକଟକୁ ପ୍ରେରଣ କରନ୍ତୁ ।

➪ ଆପଣମାନଙ୍କର ପାଖରେ ଥିବା ଆମର ବିଶ୍ୱବାଣୀ ସଞ୍ଚୟଦାନ ପାତ୍ରକୁ ପୂର୍ଣ୍ଣ କରି ପ୍ରତି ଛଅ ମାସରେ ଥରେ ଆମ୍ଭମାନଙ୍କର ନିକଟକୁ ସଞ୍ଚିତ ଦାନ ପ୍ରେରଣ କରନ୍ତୁ । ସେବାକାର୍ଯ୍ୟକୁ ସମର୍ଥନ କରିବା ନିମନ୍ତେ ଆପଣମାନଙ୍କର ସନ୍ତାନସନ୍ତତି ମାନଙ୍କୁ ମଧ୍ୟ ଉତ୍ସାହିତ କରନ୍ତୁ ।

➪ ଅପହଞ୍ଚ ଗ୍ରାମ ଗୁଡ଼ିକରେ ସୁସମାଚାର କାର୍ଯ୍ୟକୁ ଆହୁରି କ୍ଷୀପ୍ର କରିବା ନିମନ୍ତେ ଟ୪,୦୦୦ଙ୍କା ପ୍ରଦାନ ପୂର୍ବକ ଗୋଟିଏ ଗ୍ରାମକୁ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରନ୍ତୁ ।

➪ ସେବାକାର୍ଯ୍ୟ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଦୟାପୂର୍ବକ ବିଶେଷ ଦାନ ମଧ୍ୟ ପ୍ରଦାନ କରନ୍ତୁ ।

➪ ଆପଣଙ୍କର ଅଞ୍ଚଳରେ ଏବଂ ମଣ୍ଡଳୀରେ ସେବାକାର୍ଯ୍ୟକୁ ପରିଚାଳିତ କରିବା ନିମନ୍ତେ ଜଣେ ସ୍ୱତପ୍ରବୃତ୍ତ ପ୍ରତିନିଧି ଭାବରେ ଆଗେଇ ଆସିବାକୁ ବିଶେଷ ଅନୁରୋଧ କରୁଅଛି ।

➪ ଅନ୍ୟମାନଙ୍କୁ ଏହି ସେବକାର୍ଯ୍ୟର ପରିଚୟ କରିବା ନିମନ୍ତେ ଆମ୍ଭେମାନେ ଉତ୍ସର୍ଗୀକୃତ ବ୍ୟକ୍ତି ବିଶେଷ ଓ ପରିବାର ଗୁଡ଼ିକୁ ଆବଶ୍ୟକ କରୁଅଛୁ ।

➪ ଆପଣ ଦାନ ଦେଇ ରଶିଦ ଗ୍ରହଣ କରିବା ସମୟରେ ଆପଣମାନଙ୍କର ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରନ୍ତୁ । ଅପଣମାନଙ୍କର ସମସ୍ତ ପ୍ରକାରର ସାହାର୍ଯ୍ୟ ଓ ସହଯୋଗ ନିମନ୍ତେ ବିଶେଷ ଧନ୍ୟବାଦ ଜ୍ଞାପନ କରୁଅଛୁ ।

**ଭାରତ ମିଶନ ଆସୋସିଏସନ - ଗ୍ଲୋବାଲ ମିଶନ ସମ୍ମିଳନୀ :**

୨୦୨୪ ମସିହାର ଗତ ଜୁନ ମାସର ୧୧ରୁ ୧୩ ତାରିଖ ମଧ୍ୟରେ ମିଜୋରାମ ପ୍ରେସବିଟରିଆନର ମଣ୍ଡଳୀର ଆନୁକୁଲ୍ୟରେ ଆଇଜୋଲ ସହରଠାରେ ଅନୁଷ୍ଠିତ IMA ଗ୍ଲୋବାଲ ମିଶନ ସମ୍ମିଳନୀରେ ଭାରତୀୟ ମିଶନ ଅନୁଷ୍ଠାନର ୨୨୦ ଜଣ CEO ଭାଗ ନେଇଥିଲେ । ମୋ ସହିତ ବିଶ୍ୱବାଣୀ ସେବାକାର୍ଯ୍ୟର ଆଞ୍ଚଳିକ ନିର୍ଦ୍ଦେଷକ ଆଚାର୍ଯ୍ୟ. ଡ଼. ଏମ୍. ଅଗଷ୍ଟିନ ଏବଂ ଆଚାର୍ଯ୍ୟ. ଡ଼. ଆଶାନନ୍ଦ ଲିମା ସେଥିରେ ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ କାର୍ଯ୍ୟକାରୀ ଏବଂ ଭାରତୀୟ ବିଶ୍ୱାସୀମାନଙ୍କର ସହାୟତାରେ "MISSION BEYOND THE REGIONS" (୨କରିନ୍ଥୀୟ ୧୦:୧୬) ସମ୍ବନ୍ଧରେ ଗାମ୍ଭିର୍ଯ୍ୟପୂର୍ଣ୍ଣ ଭାବରେ ଆଲୋଚନା ଓ ଧ୍ୟାନ କରିବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ଏକ ଉତ୍କୃଷ୍ଟ ସମୟ ପ୍ରଦାନ କରିଥିଲେ । ସେବାକାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଯୋଜନା କରିବା ପାଇଁ ଆମ୍ଭେମାନେ ମଧ୍ୟ ବହୁମୁଲ୍ୟ ସମୟ କ୍ଷେପଣ କରିଥିଲୁ । ଗତ ଜୁନ ୨୪ ତାରିଖ ଦିନ ଭାରତ ମିଶନ ଆସୋସିଏସନର ବାର୍ଷିକ ସାଧାରଣ ସଭାରେ (AGM) ଯୋଗ ଦେଇଥିଲି । ମିଜୋରାମର ପ୍ରେସବିଟେରିଆନ ମଣ୍ଡଳୀ ଗୁଡ଼ିକ ସହିତ ଭାଗୀଦାର ହୋଇ ଆମର ଦର୍ଶନକୁ ସଫଳ କରିବା ନିମନ୍ତେ ଯେପରି ସ୍ଥାନୀୟ କାର୍ଯ୍ୟକାରୀ ପ୍ରାପ୍ତ ହେବୁ ସେଥିପାଇଁ ପରମେଶ୍ୱର ଚାଳନା ଓ ମାର୍ଗଦର୍ଶନ କରନ୍ତୁ ।



**ମଣିପୁର ରିଲିଫ କାର୍ଯ୍ୟ :** ଗତ ୧୫.୦୫.୨୦୨୪ ତାରିଖ ଦିନ ମୁଁ ଦ୍ୱିତୀୟ ଥର ମଣିପୁର ସହର ପରିଦର୍ଶନ କରି ଚତୁର୍ଥ ପର୍ଯ୍ୟାୟର ରିଲିଫ କାର୍ଯ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲି । କାକଚିଙ୍ଗ, ବିଷ୍ଣୁପୁର ଏବଂ ଇମ୍ଫାଲ ଜିଲ୍ଲାର ପଶ୍ଚିମ ଭାଗରେ ଅବସ୍ଥିତ ଗ୍ରାମ ଗୁଡ଼ିକରେ ବାସ କରୁଥିବା ୨୦୦ ଗୋଟି ପରିବାରକୁ ଚାଉଳ ଏବଂ ଟ୨,୦୦୦ଙ୍କା ମୁଲ୍ୟର ପଶମ ପୋଷାକ ବିତରଣ କରିବା ନିମନ୍ତେ ପରମେଶ୍ୱର ସକ୍ଷମ କରିଥିବାରୁ ତାଙ୍କ ମହାନାର ଗୌରବ କରୁଅଛୁ ।ଯଦିଓ ପରିସ୍ଥିତି ନିୟନ୍ତ୍ରଣାଧିନ ଅଟେ ତଥାପି ସ୍ଥାନେ ସ୍ଥାନେ ବେଳେ ବେଳେ ସଂପ୍ରଦାୟିକ ଦଙ୍ଗା ଏବଂ ଉପଦ୍ରବ ହେଉଥିବାରୁ ମଣିପୁର ରାଜ୍ୟର ଶାନ୍ତି ନିମନ୍ତେ ପ୍ରାର୍ଥନା କରନ୍ତୁ । ରିଲିଫ କାର୍ଯ୍ୟ ନିମନ୍ତେ ମଧ୍ୟ ସାହାର୍ଯ୍ୟର ହସ୍ତ ବିସ୍ତାର କରନ୍ତୁ । ପରମେଶ୍ୱର ଅତି ଅନୁଗ୍ରହର ସହିତ ଆମର କାର୍ଯ୍ୟକାରୀ ଓ ସେମାନଙ୍କର ପରିବାର ଗୁଡ଼ିକୁ ସୁରକ୍ଷା କରିଅଛନ୍ତି ଏବଂ ସେମାନେ ବିଶ୍ୱାସର ସହିତ ତାଙ୍କର ସେବା ପୁନଃର୍ବାର କରୁଅଛନ୍ତି । ଆପଣମାନଙ୍କର ପ୍ରାର୍ଥନା ଓ ସହେଯାଗ ନିମନ୍ତେ ଆମ୍ଭେମାନେ ଆପଣମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ ।



ତାଙ୍କର କାର୍ଯ୍ୟକୁ ଆପଣମାନେ ସାହାର୍ଯ୍ୟ ଓ ସହେଯାଗ କରୁଥିବାରୁ ପରମେଶ୍ୱର ଆପଣମାନଙ୍କୁ ବହୁଳ ଭାବରେ ଆଶିର୍ବାଦ କରନ୍ତୁ ।

"ଆଉ ସମୁଦାୟ ଅଞ୍ଚଳରେ ପ୍ରଭୁଙ୍କର ବାକ୍ୟ ବ୍ୟାପିଗଲା.... ଆଉ ଶିଷ୍ୟମାନେ ଆନନ୍ଦରେ ଓ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାକୁ ଲାଗିଲେ" (ପ୍ରେରିତ ୧୩:୪୯, ୫୨)

*ଚେନ୍ନାଇ*
*୧୬.୦୬.୨୦୨୪*

*ପରମେଶ୍ୱରଙ୍କ ସେବାକାର୍ଯ୍ୟରେ*
*ଆଚାର୍ଯ୍ୟ ଡ଼. ଡ଼କ୍ଟୁ ୱିଲସନ ଜ୍ଞାନକୁମାର*

# ଆଞ୍ଚଳିକ ସଂଯୋଜକଙ୍କ ପତ୍ର...

ଖ୍ରୀଷ୍ଟଙ୍କର ପ୍ରିୟ ପରମେଶ୍ୱରଙ୍କ ସମସ୍ତ ସେବକଗଣ,

ଆମ୍ଭମାନଙ୍କର ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ଆପଣମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଅଛି । ପରମେଶ୍ୱର ଆମ୍ଭମାନଙ୍କୁ ଏହି ପ୍ରଚଣ୍ଡ ରୁଦ୍ର ତାପରୁ ସୁରକ୍ଷା କରିଅଛନ୍ତି ଏବଂ ଚଳିତ ୨୦୨୪ ମସିହାର ଜୁଲାଇ ମାସରେ ପ୍ରବେଶ କରିବା ନିମନ୍ତେ ସାହାର୍ଯ୍ୟ କରିଥିବାରୁ ଆମ୍ଭେମାନେ ତାଙ୍କ ମହାନାମର ଗୌରବ ଓ ପ୍ରଶଂସା କରୁଅଛୁ । ଚଳିତ ବର୍ଷରେ ଉତ୍ତମ ପାଣିପାଗ ନିମନ୍ତେ ପ୍ରାର୍ଥନା କରନ୍ତୁ ଯଦ୍ୱାରା ଆମର ବିଶ୍ୱାସୀ ଯେଉଁମାନେ କୃଷି କାର୍ଯ୍ୟ ଉପରେ ସଂପୂର୍ଣ୍ଣ ନିର୍ଭର କରନ୍ତି ସେମାନେ ଉତ୍ତମ ଫସଲ ଉତ୍ପନ୍ନ କରିପାରିବେ । ଆସନ୍ତୁ ଚଳିତ ମାସରେ ଆମର ସମର୍ପଣ ସମାଚାର ପତ୍ରିକାର ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିଭୂତ କରୁ ଯାହା ସୁସମାଚାର ଘୋଷଣା କରୁଥିବା ଜଣେ ଖ୍ରୀଷ୍ଟିୟ ସୈନ୍ୟ ସମ୍ବନ୍ଧୀୟ ଅଟେ ।

ପୃଥିବୀର ଚତୁଃପାଶ୍ୱରେ କେବଳ ଶାନ୍ତି ସ୍ଥାପନ ସମ୍ବନ୍ଧରେ ବର୍ତ୍ତମାନ ଖୁବ ଆଲୋଚନା ହେଉଅଛି । ଠିକ୍ ସେହି ସମୟରେ ଆମର ଦେଶ ମଧ୍ୟରେ ସଂଘର୍ଷ ଓ ଲଢ଼େଇ ମଧ୍ୟ ବୃଦ୍ଧି ପାଇଅଛି । ମାତ୍ର ଜଗତ ମଧ୍ୟରେ ସବୁଠାରୁ ଏକ ବୃହତ ଧରଣର ଯୁଦ୍ଧ ହେବାକୁ ଯାଉଅଛି ଏବଂ ଏହି ବିଷୟରେ କେବଳ ଅଳ୍ପ ସଂଖ୍ୟକ ଲୋକମାନେ କଥାବାର୍ତ୍ତା କରୁଅଛନ୍ତି । ଏହାକୁ ଆପଣମାନେ ଖବର ତଥା ସମାଜିକ ଗଣମାଧ୍ୟମରେ ଦେଖିପାରିବେ ନାହିଁ ମାତ୍ର ଏହା ବାସ୍ତବିକ ଅଟେ । ଏହା ଆଲୋକ ତଥା ଅନ୍ଧକାର ମଧ୍ୟରେ ଯୁଦ୍ଧ ଅଟେ ଏବଂ ଏହି ସମୟରେ ତାହା ତୀବ୍ର ହେବାକୁ ଯାଉଅଛି । ଏହା ରାଜନୈତିକ, ଅର୍ଥନୈତିକ, ଦାର୍ଶନିକ, ଜାତିଗତ ଓ ସାମାଜିକ ସଂଘର୍ଷ ବା ଲଢ଼େଇ ନୁହେଁ ମାତ୍ର ଏହା ଏକ ଆଧ୍ୟାତ୍ମିକ ଲଢ଼େଇ ଅଟେ ।

ଶତ୍ରୁ ଅତିଶୟ କ୍ରୋଧାନ୍ୱିତ ଅଟେ ଏବଂ ସଂଘର୍ଷ ଏତେ ପରିମାଣରେ ଭୟଙ୍କର ଅଟେ ଯାହା ପୂର୍ବରୁ କେବେ ମଧ୍ୟ ହୋଇ ନାହିଁ । ତା'ର ସମୟ କ୍ଷଣିକ ଅଟେ ଏବଂ ଆମ୍ଭମାନଙ୍କର ସେନାପତି ବିଜୟ ବିଷୟରେ ଆମ୍ଭମାନଙ୍କୁ ପ୍ରତିଜ୍ଞା କରିଅଛନ୍ତି ବୋଲି ଶୟତାନ ସ୍ପଷ୍ଟ ଭାବରେ ଜାଣେ । ଯୀଶୁଖ୍ରୀଷ୍ଟଙ୍କର ଅନୁକାରୀମାନେ ବିଜୟ ପାର୍ଶ୍ୱରେ ଅଛନ୍ତି । ଅତିଶୀଘ୍ର ଯୁଦ୍ଧ ସମାପ୍ତ ହେବ ଏବଂ ବିଜୟର ପୂର୍ବରୁ ଯୁଦ୍ଧ ସର୍ବଦା ଅଧିକ ତାପମୟ ହୋଇଥାଏ ।

ପରମେଶ୍ୱରଙ୍କ ବାକ୍ୟ ଆଧ୍ୟାତ୍ମିକ ଯୁଦ୍ଧ ବିଷୟରେ ପ୍ରକାଶ କରେ ଏବଂ ପ୍ରତ୍ୟେକ ବିଶ୍ୱାସୀ ପ୍ରଭୁ ଯୀଶୁଙ୍କର ଜଣେ ଉତ୍ତମ ସୈନ୍ୟ ହୁଅନ୍ତୁ ବୋଲି ଆଗ୍ରହ ପ୍ରକାଶ କରିଥାଏ । ପ୍ରେରିତ ପାଉଲ ଯୁବା ତୀମଥିଙ୍କୁ ପ୍ରଭୁ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ହେବା ନିମନ୍ତେ ତଥା ସର୍ବଦା ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ପାଇଁ କହିଥିଲେ । ପ୍ରଭୁ ଯୀଶୁଙ୍କର ଜଣେ ଉତ୍ତମ ସୈନ୍ୟ ବା ଯୋଦ୍ଧା ହେବାକୁ ଅର୍ଥ କ'ଣ ଅଟେ ? ଏହା ମଣ୍ଡଳୀର ସଦସ୍ୟତା ଅବା ଆକସ୍ମିକ ଖ୍ରୀଷ୍ଟିୟାନ ଠାରୁ ମଧ୍ୟ ଅଧିକ ଅଟେ । ଖ୍ରୀଷ୍ଟଙ୍କର ଜଣେ ଉତ୍ତମ ଯୋଦ୍ଧା ବା ସୈନ୍ୟ ଭାବରେ କ'ଣ ଘଟୁଅଛି ସେହି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ସହିତ ଏହିପରି ମହତ୍ୱପୂର୍ଣ୍ଣ ସମୟରେ ତାକୁ କ'ଣ କରିବା ଆବଶ୍ୟକ ସେହି ବିଷୟରେ ସଚେତନ ରହିବା ମଧ୍ୟ ଏକାନ୍ତ ଆବଶ୍ୟକ ଅଟେ ।

### ଜଣେ ଉତ୍ତମ ଯୋଦ୍ଧା ଯୁଦ୍ଧ ବିଷୟରେ ଜାଣିବା ଆବଶ୍ୟକ ଅଟେ ।

ଉଭୟ ପୁରୁଷ ଓ ସ୍ତ୍ରୀ ମାନଙ୍କର ଆତ୍ମା ନିମନ୍ତେ ଯୁଦ୍ଧ ହେବାକୁ ଯାଉଅଛି । ଆମ୍ଭମାନଙ୍କର ଶତ୍ରୁ ବାସ୍ତବିକ ଅଟେ ଏବଂ ତା'ର ଅନେକ ନାମ ଅଛି । ପ୍ରକାଶିତ ବାକ୍ୟ ୨୦:୨ ପଦରେ ଲେଖାଅଛି, "ସେ ସେହି ସର୍ପ, ସେହି ପୁରାତନ ନାଗ, ଅର୍ଥାତ ଦିଆବଳ ଓ ଶୟତାନକୁ ଧରି ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ବାନ୍ଧି ପକାଇଲେ" । ସେ ଆରମ୍ଭରୁ ମିଥ୍ୟାବାଦୀ ଓ ପ୍ରତାରକ ବୋଲି ଧର୍ମଶାସ୍ତ୍ର ପ୍ରକାଶ କରେ । ସେ ମାନବ ଜାତିକୁ ନଷ୍ଟ କରିବାକୁ ଚାହେଁ ଏବଂ ଏଥିପାଇଁ ସେ ଅତି ସୁନ୍ଦର ଭାବରେ କାର୍ଯ୍ୟ କରୁଅଛି । ଦେଖନ୍ତୁ ଏହି ଜଗତ ବର୍ତ୍ତମାନ କେତେ ଦୁର୍ଗନ୍ଧମୟ ହୋଇଅଛି । ଲୋକମାନେ ପାପର କବଳରେ ଅଛନ୍ତି ଯାହାର ପରିଣାମ ବ୍ୟଭିଚାର, ପ୍ରତିମା ପୂଜକ, ଭ୍ରଷ୍ଟାଚାର, ହିଂସା, ନରହତ୍ୟା

ଏବଂ ସମସ୍ତ ପ୍ରକାରର ଯୌନ ସମ୍ବନ୍ଧୀୟ ପାପ ଅଟେ । ଶୟତାନ ସମସ୍ତ ଆତ୍ମାଗୁଡ଼ିକୁ ନଷ୍ଟ କରି ଦେବା ନିମନ୍ତେ ଆଗ୍ରହ ପ୍ରକାଶ କରେ ଏବଂ ସେ ସମସ୍ତଙ୍କୁ ନିଜର ସହିତ ଅନନ୍ତକାଳୀନ ନର୍କକୁ ନେବା ପାଇଁ ଇଚ୍ଛା କରେ । ତା'ର ଦିନ ଗଣନା କରାଯାଉଅଛି କାରଣ ଯୀଶୁଖ୍ରୀଷ୍ଟ ଅତି ଶୀଘ୍ର ଆସୁଅଛନ୍ତି ଏବଂ ସେ ଶୟତାନର ସମସ୍ତ କାର୍ଯ୍ୟକୁ ଧ୍ୱଂସ କରିବେ ପୁଣି ତାକୁ ଚିରଦିନ ନିମନ୍ତେ ଅଗ୍ନିମୟ ହ୍ରଦରେ ନିକ୍ଷେପ କରିବେ । ପରିଶେଷରେ ସେ ସମସ୍ତ ଶତୃ ମାନଙ୍କୁ ଅନନ୍ତକାଳୀନ ଅଗ୍ନିମୟ ଦ୍ରଦରେ ନିକ୍ଷେପ କରିବେ ଯାହାକୁ ଦ୍ୱିତୀୟ ମୃତ୍ୟୁ ବୋଲି ମଧ୍ୟ କୁହାଯାଏ ।

ପ୍ରକାଶିତ ୨୦:୧୦ ପଦରେ ଲେଖଅଛି, "ଯେଉଁ ଶୟତାନ ସେମାନଙ୍କୁ ଭ୍ରାନ୍ତ କରିଥିଲା, ତା'କୁ ଅଗ୍ନି ଓ ଗନ୍ଧକମୟ ହ୍ରଦରେ ନିକ୍ଷେପ କରାଗଲା, ସେଠାରେ ସେହି ପଶୁ ଓ ଭଣ୍ଡ ଭାବବାଦୀ ମଧ୍ୟ ଅଛନ୍ତି; ପୁଣି ସେମାନେ ଦିବାରାତ୍ର ଯୁଗେ ଯୁଗେ ଯନ୍ତ୍ରଣା ଭୋଗ କରିବେ" । ସେଥିପାଇଁ ପ୍ରଭୁ ଯୀଶୁଙ୍କର ଜଣେ ସୈନ୍ୟ ଯୁଦ୍ଧର ସମୟରେ ସେ କ'ଣ କରିବା ଆବଶ୍ୟକ ଅଟେ ଏବଂ ପରମେଶ୍ୱର କ'ଣ ଇଚ୍ଛା କରନ୍ତି ସେହି ବିଷୟରେ ଜାଣିବା ଏକାନ୍ତ ଆବଶ୍ୟକ ଅଟେ ।

**ଜଣେ ସୈନ୍ୟ କ'ଣ କରିବା ଆବଶ୍ୟକ :** ଯେଉଁମାନେ ଶୟତାନର ବନ୍ଧନ ମଧ୍ୟରେ ଅଛନ୍ତି ସେମାନଙ୍କୁ ସେହି ବନ୍ଧନରୁ ଉଦ୍ଧାର କରି ମୁକ୍ତ କରିବା ସୈନ୍ୟର ଦାୟିତ୍ୱ ଅଟେ । ସୈନ୍ୟଦଳରେ ଅନ୍ତର୍ଭୂକ୍ତ ଅନେକ ସୈନ୍ୟମାନେ ସିଧାସଳଖ ବାବରେ ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରିବା ଆବଶ୍ୟକ ଅଟେ ମାତ୍ର ଯେଉଁମାନେ ସୈନ୍ୟଦଳ ମଧ୍ୟରେ ରହି ସିଧା ସଳଖ ଭାବରେ ଯୁଦ୍ଧରେ ଅନ୍ତର୍ଭୂକ୍ତ ନୁହଁନ୍ତି ସେମାନେ ମଧ୍ୟ କିଛି ଦାୟିତ୍ୱ ନେବା ଏକାନ୍ତ ଆବଶ୍ୟକ ଅଟେ ଯଦ୍ୱାରା ସେମାନେ ମଧ୍ୟ ଯୁଦ୍ଧରେ ଅନ୍ତର୍ଭୂକ୍ତ ବୋଲି କୁହାଯାଇପାରିବ । ଶୟତାନର କବଳରେ ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବା

ନିମନ୍ତେ ସ୍ୱାଧିନତାର ସନ୍ଦେଶ ଘୋଷଣା କରିବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ମନୋନୀତ କରିଅଛନ୍ତି ଏବଂ ସେହି ସନ୍ଦେଶ କେବଳ ସେମାନଙ୍କୁ ଉଦ୍ଧାର କରିବାର ଏକମାତ୍ର ପନ୍ଥା ଅଟେ ।

**ଯୋହନ ୮:୩୨ ପଦରେ ଲେଖାଯାଏ, "ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ" ।**

ସତ୍ୟ କ'ଣ ଅଟେ ? ସତ୍ୟ ହେଉଛି ସମସ୍ତେ ପାପ କରିଅଛନ୍ତି ଏବଂ ଆମ୍ଭେମାନେ ସମସ୍ତେ ପାପର ଦଣ୍ଡର ଅଧିନସ୍ଥ ଅଟୁ ମାତ୍ର ପରମେଶ୍ୱର ଆମ୍ଭମାନଙ୍କୁ ପ୍ରେମ କରନ୍ତି ଏବଂ ପାପର ବନ୍ଧନରୁ ଉଦ୍ଧାର ବା ମୁକ୍ତ ହେବା ନିମନ୍ତେ ଏକ ପଥ ଆମ୍ଭମାନଙ୍କ ନିମନ୍ତେ ସେ ପ୍ରସ୍ତୁତ କରିଅଛନ୍ତି । ପ୍ରଭୁ ଯୀଶୁଖ୍ରୀଷ୍ଟ ହିଁ କେବଳ ସତ୍ୟ ଅଟନ୍ତି ଏବଂ ସେ ହିଁ କେବଳ ବାସ୍ତବ ସ୍ୱାଧିନତା ପ୍ରଦାନ କରିପାରିବେ । ଯେତେବେଳେ ଆମ୍ଭେମାନେ କୃଶ ଉପରେ କରାଯାଇଥିବା ତାଙ୍କର ପ୍ରାୟଶ୍ଚିତ କାର୍ଯ୍ୟରେ ବିଶ୍ୱାସ କରୁ ସେତେବେଳେ ଆମ୍ଭେମାନେ ମୁକ୍ତ ହୋଇଥାଉ ।

ରୋମୀୟ ୧୦:୯-୧୦ ପଦରେ ଲେଖାଅଛି, "ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱିକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ; କାରଣ ଧାର୍ମିକତାପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣପ୍ରାପ୍ତି ନିମନ୍ତେ ମୁଖରେ ସ୍ୱିକାର କରେ" । **ଅତଏବ, ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହା ହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ (ଯୋହନ ୮:୩୬) ।**

ପରମେଶ୍ୱର ସେହି ସମସ୍ତଙ୍କୁ ମନୋନୀତ କରିଅଛନ୍ତି ଯେଉଁମାନେ ବିଶ୍ୱାସର ସହିତ ତାଙ୍କର ନିକଟକୁ ଆସିବେ । ଯେତେବଳେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଉପରେ ନିଜର ବିଶ୍ୱାସ ସ୍ଥାପନ କରୁ ସେତେବେଳେ ଆମ୍ଭେମାନେ ପରମେଶ୍ୱରଙ୍କ ସୈନ୍ୟ ଦଳରେ ଏକ ଅଂଶ ହୋଇଥାଉ । ଆମ୍ଭେମାନେ ତାଙ୍କର ପଥକୁ ଦୃଷ୍ଟିପାତ କରୁ ଅବା ନକରୁ ମାତ୍ର ତାହା ସତ୍ୟ ଅଟେ । ଧର୍ମଶାସ୍ତ୍ର କେବେ ମଧ୍ୟ ଦୁଇ ଗୋଟି ଭିନ୍ନ ଖ୍ରୀଷ୍ଟିୟାନ ବା ପରମେଶ୍ୱରଙ୍କ ସୈନ୍ୟ ଦଳ ବିଷୟରେ କହେ ନାହିଁ ।

ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ସୈନ୍ୟ ହୋଇଥିବାରୁ ଯେଉଁମାନେ ପାପର ବନ୍ଧନ ମଧ୍ୟରେ ଅଛନ୍ତି ସେମାନଙ୍କୁ ପବିତ୍ର ଆତ୍ମାଙ୍କର ସହାୟତାରେ ପାପର ବନ୍ଧନରୁ ମୁକ୍ତ କରି ନୂତନ ଜୀବନ ପ୍ରତି ନେଇ ଆସିବା ନିମନ୍ତେ ସୁସମାଚାର ଘୋଷଣା କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ଅଟେ । ଆମ୍ଭେମାନେ ବିଶ୍ୱବାଣୀ ସେବାକାର୍ଯ୍ୟର ମାଧ୍ୟମରେ ଜଣେ ସୈନ୍ୟର କାର୍ଯ୍ୟ ଗ୍ରାମ ପରେ ଗ୍ରାମକୁ ଯାଇ କରୁଅଛୁ ଏବଂ ଆପଣମାନେ ପ୍ରାର୍ଥନାର ସହିତ ଆମ୍ଭମାନଙ୍କୁ ପ୍ରେରଣ କରୁଅଛନ୍ତି ଯଦ୍ୱାରା ଆମ୍ଭେମାନେ ଅନ୍ଧକାରର ଶକ୍ତି ବିରୁଦ୍ଧରେ ଯୁଦ୍ଧ କରି ବିଜୟ ସଦାପ୍ରଭୁଙ୍କର ଅଟେ ବୋଲି ମଧ୍ୟ ସୁନିଶ୍ଚିତ କରୁଅଛୁ ।

**ବିଶ୍ୱବାଣୀ ଗ୍ରୀଷ୍ମକାଳୀନ ଅବକାଶ ବାଇବଲ ସ୍କୁଲ (ଭି.ବି.ଏସ୍)-**

ଆମ୍ଭେମାନେ ଓଡ଼ିଶା ରାଜ୍ୟର ପ୍ରାୟ ସମସ୍ତ ମଣ୍ଡଳୀ ଗୁଡ଼ିକରେ ବିଶ୍ୱବାଣୀ ଗ୍ରଷ୍ମକାଳୀନ ବାଇବଲ ସ୍କୁଲ ଆୟୋଜନ କରିଥିଲୁ ଏବଂ ଏହି କାର୍ଯ୍ୟକ୍ରମରେ ସାରା ଓଡ଼ିଶାର ବିଶ୍ୱବାଣୀ ମଣ୍ଡଳୀରୁ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ପିଲାମାନେ ଯୋଗ ଦେଇ ଆଶିର୍ବାଦଯୁକ୍ତ ହୋଇଅଛନ୍ତି । ଆମର ପିଲାମାନେ ଯେପରି ପରମେଶ୍ୱରଙ୍କ ବିଷୟକ ଭୟରେ ବୃଦ୍ଧିପ୍ରାପ୍ତ ହେବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

**ବିଶ୍ୱାସୀ ସହଭାଗିତା :** ଗତ ଜୁନ ମାସର ୧୧ ଓ ୧୨ ତାରିଖ ଦିନ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଗୁଛାପଡ଼ା ପଞ୍ଚାୟତର ବାଘଡ଼ଙ୍ଗୀ ଗ୍ରାମରେ କୁଇ ଭାଷାର ବିଶ୍ୱାସୀମାନଙ୍କର ନିମନ୍ତେ ଏକ ବିଶେଷ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭାରେ ୩୦୦ରୁ ଉର୍ଦ୍ଧ୍ୱ ବିଶ୍ୱାସୀ ଯୋଗ ଦେଇ ଆଶିର୍ବାଦଯୁକ୍ତ ହୋଇଅଛନ୍ତି ।

**ଏଜ୍ରା କ୍ୟାମ୍ପ :** ଆମ୍ଭେମାନେ ନୂତନ ଯୁବକ ମାନଙ୍କୁ ପୂର୍ଣ୍ଣ ସମୟକାଳୀନ କାର୍ଯ୍ୟକାରୀ ଭାବରେ ବାଛିବା ନିମନ୍ତେ ମୟୁରଭଞ୍ଜ ଓ କନ୍ଧମାଳ ଜିଲ୍ଲାରେ ଏଜ୍ରା କ୍ୟାମ୍ପ ଆୟୋଜିତ କରିଥିଲୁ । ଏହି ଏଜ୍ରା କ୍ୟାମ୍ପ ଦ୍ୱାରା ବଛା ଯାଇଥିବା ଯୁବବନ୍ଧୁ ମାନଙ୍କର ତାଲିମ ଜୁଲାଇ ମାସରୁ ଆରମ୍ଭ କରାଯିବା । ସେମାନଙ୍କୁ ପ୍ରଭୁ ଯେପରି ବାକ୍ୟରେ ଓ ଆତ୍ମାରେ ପ୍ରଶିକ୍ଷଣ କରିବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

**ମିଶନାରୀ ମାନଙ୍କର ପିଲାମାନଙ୍କର ଗ୍ରୀଷ୍ମକାଳୀନ ଶିବିର :** ଆମ୍ଭେମାନେ ଆମର କାର୍ଯ୍ୟକାରୀ ମାନଙ୍କ ପିଲାମାନଙ୍କର ନିମନ୍ତେ ଗତ ଜୁନ ମାସର ୧୨ ରୁ ୧୪ ତାରିଖ ମଧ୍ୟରେ ତରଙ୍ଗଡ଼ା ଗ୍ରମସ୍ଥିତ ଆମର ତାଲିମ କେନ୍ଦ୍ରରେ ବିଶେଷ ଗ୍ରୀଷ୍ମ ଶିବିର ଆୟୋଜନ କରିଥିଲୁ । ଏହି କାର୍ଯ୍ୟକ୍ରମରେ ଆମର କାର୍ଯ୍ୟକାରୀମାନଙ୍କର ପିଲାମାନେ ଯୋଗ ଦେଇଥିଲେ । ଯୋଗ ଦେଇଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପିଲା ପରମେଶ୍ୱରଙ୍କଠାରେ ନିଜର ଜୀବନ ଉତ୍ସର୍ଗ କରିଅଛନ୍ତି ।

**ରାୟଗଡ଼ା ଜିଲ୍ଲାର ଦର୍ଶନ ସଭା :** ଆମ୍ଭେମାନେ ରାୟଗଡ଼ା ଜିଲ୍ଲାରେ ବସବାସ କରୁଥିବା ବିଶ୍ୱାସୀମାନଙ୍କର ନିମନ୍ତେ ଗତ ଜୁନ ମାସର ୧୭ ତାରିଖ ଦିନ ଏକ ଦର୍ଶନ ସଭା ଆୟୋଜନ କରିଥିଲୁ ଏହି ସଭାରେ ବିଶ୍ୱବାଣୀ ସେବାକାର୍ଯ୍ୟର ସମସ୍ତ ବିଶ୍ୱବାଣୀ ପ୍ରଦନ କରିଥିଲୁ । ସେବାକାର୍ଯ୍ୟକୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଅନେକ ଲୋକମାନେ ଆଗେଇ ଆସିଅଛନ୍ତି । ସେମାନଙ୍କର ନିମନ୍ତେ ଦୟାପୂର୍ବକ ପ୍ରାର୍ଥନା କରନ୍ତୁ ଯଦ୍ୱାରା ପରମେଶ୍ୱରଙ୍କ ସୁସମାଚାର କାର୍ଯ୍ୟ ନିମନ୍ତେ ସେମାନେ ନେଇଥିବା ସମସ୍ତ ନିଷ୍ପତ୍ତିରେ ଦୃଢ଼ତାର ସହିତ ଛିଡ଼ା ହୋଇପାରିବେ ।

**ପ୍ରାର୍ଥନା ମାସ (ଜୁଲାଇ) :** ପ୍ରତିବର୍ଷ ଭଳି ଚଳିତ ବର୍ଷର ଜୁଲାଇ ମାସରେ ଅର୍ଥାତ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବାଣୀ ଅନୁଷ୍ଠାନ ଦ୍ୱାରା ପ୍ରାର୍ଥନାର ମାସ ଭାବରେ ସାରା ଭାରତରେ ପାଳନ କରାଯିବ । ଏହି ପ୍ରାର୍ଥନା ନିମନ୍ତେ ପ୍ରତ୍ୟେକ ରାଜ୍ୟ ପାଇଁ ଭିନ୍ନ ଭିନ୍ନ ସମୟ ଆବଣ୍ଟନ କରାଯିବ । ଏବଂ ପ୍ରାର୍ଥନାର ବିଷୟ ଗୁଡ଼ିକ ମଧ୍ୟ ପ୍ରତିଦିନ ପ୍ରେରଣ କରାଯିବ । ସାରା ଭାରତରେ ମାସ ବ୍ୟାପୀ ୧୮ ଘଣ୍ଟା ପ୍ରାର୍ଥନା କରାଯିବ । ତେଣୁ ଓଡ଼ିଶା ନିମନ୍ତେ ଆବଣ୍ଟନ କରାଯାଇଥିବା ସମୟରେ ପ୍ରାର୍ଥନାରେ ଯୋଗ ଦେବା ନିମନ୍ତେ ଆମ୍ଭେମାନେ ଆପଣମାନଙ୍କୁ ଉତ୍ସାହିତ ଓ ନିବେଦନ କରୁଅଛୁ ।

*ଭୁବନେଶ୍ୱର*
*ତା. ୨୧.୦୬.୨୦୨୪*

*ତାଙ୍କର ଆନନ୍ଦପୂର୍ଣ୍ଣ ସେବାକାର୍ଯ୍ୟରେ*
*ଆଚାର୍ଯ୍ୟ. ଡ଼. ବେଞ୍ଜାମିନ ଦାସ*

# ନେଟ୍‌ୱାର୍କ ସଭାପତିଙ୍କ ଠାରୁ...

ଖ୍ରୀଷ୍ଟଙ୍କ ପ୍ରିୟ ଭାଇ ଓ ଭଉଣୀ,

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଅଛି ।

ଚଳିତ ୨୦୨୪ ମସିହାର ମଇ ମାସର ୨୪ ତାରିଖ ଦିନ ହିମାଳୟ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ କାଲିଙ୍ଗପୋଙ୍ଗ ପ୍ରେସବେଟେରିୟାନ ମଣ୍ଡଳୀରେ ପ୍ରାତଃ ଉପାସନାରେ ପରମେଶ୍ୱରଙ୍କ ବାକ୍ୟ ପରିବେଷଣ କରିବା ନିମନ୍ତେ ମୋତେ ସକ୍ଷମ କରିଥିବା ପ୍ରଭୁ ଯୀଶୁଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଅଛି । ଗତ ୧୪.୦୨.୨୦୧୭ ମସିହାରେ ଜିଲ୍ଲା ଭାବରେ ଘୋଷିତ ହୋଇଥିବା କାଲିଙ୍ଗପୋଙ୍ଗରେ ୨୦୦ରୁ ଉର୍ଦ୍ଧ୍ୱ ମଣ୍ଡଳୀ ଓ ଉପାସନା ଗୃହ ରହିଥିବା ଜାଣି ମୁଁ ଅତ୍ୟଧିକ ଭାବରେ ଖୁସି ହୋଇଥିଲି । ସାଂପ୍ରତିକ ସମୟରେ ଏହି ଜିଲ୍ଲାରେ ଆମ ବିଶ୍ୱବାଣୀର ସେବାକାର୍ଯ୍ୟ ଦ୍ୱାରା ସୁସମାଚାର ପ୍ରଚାର କାର୍ଯ୍ୟ ହେଉ ନାହିଁ ମାତ୍ର ଏହି ଜିଲ୍ଲାରେ ଆମର ୨ ଜଣ ପ୍ରମୋଶନାଲ କାର୍ଯ୍ୟକାରୀ କାର୍ଯ୍ୟ କରୁଅଛନ୍ତି । ଏଠାକାର ବିଶ୍ୱାସୀମାନେ ବିଶ୍ୱବାଣୀ ସଞ୍ଚୟ ଦାନ ପାତ୍ର ମାଧ୍ୟମରେ ସେବାକାର୍ଯ୍ୟକୁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଅଛନ୍ତି ଏବଂ ଏହି ଉପାସନା ସଭାରେ ମଧ୍ୟ ଅଳ୍ପ ସଂଖ୍ୟକ ବିଶ୍ୱାସୀ ବିଶ୍ୱବାଣୀ ସଞ୍ଚୟଦାନ ପାତ୍ର ଗ୍ରହଣ କରିଥିଲେ । ଯେତେବେଳେ ମୁଁ ଏହି ପର୍ବତ୍ୟାଞ୍ଚଳରେ ଥିଲି ସେତେବେଳେ ୩୪ ବର୍ଷ ପୂର୍ବେ ଯାହା ଘଟିଥିଲା ସେହି ବିଷୟକୁ ମନେ ପକାଇଥିଲି ।



ଏହା ୧୯୦୦ ମସିହାର କଥା ଅଟେ । ଯେତେବେଳେ ସ୍ୱର୍ଗତ ଏମିଲ ଜେବାସିଂ ଭାରତ ତଥା ପଡ଼ୋଶୀ ଦେଶ ଗୁଡ଼ିକରେ ପ୍ରଚଳିତ ଭାଷା ଗୁଡ଼ିକ ଦ୍ୱାରା ବେତାର କାର୍ଯ୍ୟକ୍ରମ ମାଧ୍ୟମରେ ସୁସମାଚାର ଘୋଷଣା କରିବା ନିମନ୍ତେ ମହାନ ପଦକ୍ଷେପ ନେଇଥିଲେ । ସେହି ସମୟରେ ମୁଁ ହାଇଦ୍ରାବାଦ ସହରରେ ରହୁଥିଲି । ସେତେବେଳେ ଭାଇ ଏମିଲ ଜେବାସିଂ ମୋତେ କାଲିଙ୍ଗପୋଙ୍ଗ ଯାଇ ଏପରି ଏକ ତୀବଥିୟ ବ୍ୟକ୍ତିଙ୍କର ଅନ୍ୱେଷଣ କରିବା ନିମନ୍ତେ କହିଥିଲେ ଯେ ତୀବଥିୟ ଭାଷାରେ ସୁସମାଚାର ପ୍ରଚାର କରିପାରିବେ । ମୁଁ ହାଇଦ୍ରାବାଦ ସହରରୁ ଭୁବନେଶ୍ୱରରେ ପହଞ୍ଚିଲି । ସେଠାରୁ ଭାଇ ମାନ୍ନା ୱିଟସନ୍‌ଙ୍କ ସହିତ କୋଲକତା ଗଲୁ ଏବଂ ଆମେ ଦୁହେଁ ସେଠାରୁ କାଲିଙ୍ଗପୋଙ୍ଗରେ ପହଞ୍ଚିଥିଲୁ ।

ସିଲିଗୁଡ଼ି ସହରରେ ଓହ୍ଲାଇଲା ପରେ ମୁଁ ଜାଣିବାକୁ ପାଇଲି କାଲିଙ୍ଗପୋଙ୍ଗ ନାମକ ଏକ ସହର ସିଲିଗୁଡ଼ି ଠାରୁ ୧୦୦ କିମି ଦୂରରେ ଅବସ୍ଥିତ ଅଟେ । ବସ ଷ୍ଟେସନରେ ଲୋକମାନେ ଆମ୍ଭମାନଙ୍କୁ ଭିନ୍ନ ଦୃଷ୍ଟିରେ ଅନାଇଥିଲେ । କାରଣ ସେଠାରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଉଥିଲା । ସେଠାରେ ଗୋର୍ଖାଲ୍ୟାଣ୍ଡର ବିଦ୍ରୋହ ଚରମ ସୀମାରେ ପହଞ୍ଚିଥିଲା ଏବଂ ସମସ୍ତ ଯାତାୟତ ସୁବିଧା ଓ ବ୍ୟବସ୍ଥାରେ ବ୍ୟଘାତ ସୃଷ୍ଟି ହୋଇଥିଲା । ଆମ୍ଭେମାନେ କ'ଣ କରିବୁ ସେହି ବିଷୟରେ ଆଦୌ ଚିନ୍ତା କରିପାରିନଥିଲୁ ଏବଂ ଭାବୁଥିଲୁ ନିଜର କାର୍ଯ୍ୟ ସମାପ୍ତ ନ କରି ଆମ୍ଭମାନଙ୍କୁ ଫେରିବାକୁ ପଡ଼ିପାରେ । ଏମିଲ ଜେବାସିଂଙ୍କୁ ଖବର ଦେବା ପାଇଁ କୌଣସି ଦୂରଭାଷାର ସୁବିଧା ମଧ୍ୟ ନଥିଲା । ଯେତେବେଳେ କାଲିଙ୍ଗପୋଙ୍ଗକୁ ଯାଉଥିବା ଏକ କ୍ଷୁଦ୍ର ମଟର ଗାଡ଼ି ଦେଖିଲୁ ଆମେ ଦୁହେଁ ସେଥିରେ ବସି ପଡ଼ିଲୁ ଯଦିଓ ସେହି ଗାଡ଼ିରେ ଅଧିକ ଭିଡ଼ ଥିଲା । ଯାଉଥିବା ସମୟରେ ଘାଟି ଗୁଡ଼ିକ ମଧ୍ୟରେ ପ୍ରବାହିତ ତିସ୍ତା ନଦୀକୁ ଦେଖି ଆମର ମୁଣ୍ଡ ବୁଲେଇବା ଆରମ୍ଭ ହେଲା । ଏହା ପାହାଡ଼ିଆ ରାସ୍ତାରେ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟର ଯାତ୍ରା ଥିଲା । ଯେତେବେଳେ ଆମ୍ଭେମାନେ କାଲିଙ୍ଗପୋଙ୍ଗରେ ପହଞ୍ଚିଥିଲୁ ସେତେବେଳେ ଆମ ସହିତ ଯାଉଥିବା ସହଯାତ୍ରୀମାନେ ମଟର ଗାଡ଼ିରୁ ଓହ୍ଲାଇ ଅତି ଶୀଘ୍ର ଉଭେଇ ଯାଇଥିଲେ । ସେଠାରେ କୌଣସି ଲୋକ ଏବଂ ଦୋକାନ ନଥିଲା । ଆମ୍ଭମାନଙ୍କର କ୍ଷୁଧା ଚରମ ସୀମାରେ ପହଞ୍ଚିଥିଲା ଏବଂ ନଳକୂପର ଜଳ ବ୍ୟତୀତ ଆଉ କୌଣସି ଖାଦ୍ୟ ବା ପାନୀୟ ସେଠାରେ ଉପଲବ୍ଧ ନଥିଲା । ଯଦିଓ ଆମର ହସ୍ତରେ ଠିକଣା ଥିଲା ମାତ୍ର ଆମ୍ଭମାନଙ୍କୁ ସୂଚାନ ଦେବା ପାଇଁ ତଥା କଢ଼ାଇ ନେବା ନିମନ୍ତେ ଜଣେ ମଧ୍ୟ ବ୍ୟକ୍ତି ସେଠାରେ ନ ଥିଲେ । ସଂପୂର୍ଣ୍ଣ ଭାବରେ ଶୁନସାନ ଥିବା ଥଣ୍ଡା ପରିବେଶରେ ଆମ୍ଭେମାନେ ପଦଯାତ୍ରା କରିବା ଆରମ୍ଭ କରିଥିଲୁ ।

ଯଦି ଆମ୍ଭେମାନେ ସିଲିଗୁଡ଼ିର ପାଦ ଦେଶରେ ଥାନ୍ତୁ ତେବେ ଆମ୍ଭେମାନେ ପ୍ରତ୍ୟାବର୍ତ୍ତନ କରିପାରିଥାନ୍ତୁ ମାତ୍ର ବର୍ତ୍ତମାନ ଆମ୍ଭେମାନେ ଯେଉଁଠାରେ ଥିଲୁ ଏପରିକି ସେଠାରୁ ସିଲିଗୁଡ଼ିକୁ ମଧ୍ୟ ଫେରିପାରି ନଥାନ୍ତୁ । ଭାଇ ମାନ୍ନା ୱିଟସନ ମୋର ସହିତ ଥିବାରୁ ମୁଁ ଆନନ୍ଦିତ ହେଉଥିଲି । ଯେତେବେଳେ ସଂନ୍ଧ୍ୟା ସମୟ ପାଖେଇ ଆସିଥିଲା ସେତେବେଳେ ଜଣେ ସୈନ୍ୟ ଆମ୍ଭମାନଙ୍କର ନିକଟକୁ ଆସି ଏହି ପ୍ରକାର ପରିସ୍ଥିତି ଓ ସମୟରେ ଆମ୍ଭେମାନେ କାହିଁକି ସେଠାରେ ଛିଡ଼ା ହୋଇଅଛୁ ଓ କେଉଁଠାକୁ ଯିବୁ ସେହି ବିଷୟରେ ଆମକୁ ପ୍ରଶ୍ନ କରିଥିଲେ । ସେହି ସୈନ୍ୟ ଭେଲୋର ସହରର ନିବାସୀ ଜଣେ ତାମିଲ ବ୍ୟକ୍ତି ଥିଲେ । ସେ ଆମ୍ଭମାନଙ୍କର ପ୍ରତି ଚିନ୍ତା ବ୍ୟକ୍ତ କରି କହିଲେ ସୈନ୍ୟ ବିଭାଗର ଏକ ଗାଡ଼ି ଆପଣମାନେ ଯେଉଁସ୍ଥାନକୁ ଯାଉଅଛନ୍ତି ସେହି ସ୍ଥାନ ଦେଇ ଯିବ ତେଣୁ ଆପଣମାନେ ସେହି ଗାଡ଼ିରେ ଯାଇ ପରିବେ ବୋଲି ସେ କହିଲେ । ପୁଣି ଆମ୍ଭମାନଙ୍କୁ ସେହି ସ୍ଥାନରେ ଅର୍ଥାତ ଆମର ଗନ୍ତବ୍ୟ ସ୍ଥାନରେ ଛାଡ଼ି ଦେବା ନିମନ୍ତେ ସେ ଯାଉଥିବା ସୈନ୍ୟ ବିଭାଗର ଗାଡ଼ିକୁ କହିଲେ । ସେ ଆମ୍ଭମାନଙ୍କୁ ସୈନ୍ୟ ବିଭାଗର ଗାଡ଼ିରେ ବସିବା ନିମନ୍ତେ ତଥା ଆମର ଗନ୍ତବ୍ୟ ସ୍ତାନରେ ପହଞ୍ଚିବା ପାଇଁ ସାହାର୍ଯ୍ୟ କରିଥିଲେ ।

ଆମ୍ଭେମାନେ ଆଶ୍ୱସ୍ତ ହୋଇ ସେହି ସ୍ଥାନରେ ପହଞ୍ଚିଲୁ ଏବଂ ହସ୍ତରେ ଧରିଥିବା ଠିକଣାରେ ପହଞ୍ଚିଥିଲୁ । ଆମ୍ଭେମାନେ ପହଞ୍ଚି ଦ୍ୱାରରେ ଆଘାତ କଲୁ ମାତ୍ର ଏହା ଏକ ସଂମ୍ପ୍ରଦାୟିକ ବିପର୍ଯ୍ୟୟର ସମୟ ହୋଇଥିବାରୁ ସେମାନେ ନିଜର କବାଟ ଆଦୌ ଖୋଲିନଥିଲେ । ଆମ୍ଭମାନଙ୍କର ପାଖରେ ଆଉ କୌଣସି ବିକଳ୍ପ ନ ଥିବାରୁ ଆମ୍ଭେମାନେ ସେଠାରେ ଛିଡ଼ା ହୋଇ ରହିଲୁ । ପରିଶେଷରେ ଗୃହ ମଧ୍ୟରୁ ଜଣେ ବ୍ୟକ୍ତି ଅଳ୍ପ କବାଟ ଖୋଲି ଆମ୍ଭମାନଙ୍କୁ ଦେଖିଲେ । ତା'ପରେ ସେ ତିବଥିୟ ଭାଷାରେ ଆମ୍ଭମାନଙ୍କୁ ଗୃହ ମଧ୍ୟକୁ ନିମନ୍ତ୍ରଣ କଲେ । ସେ ଆଚାର୍ଯ୍ୟ. ପିଟର ରବଗୋ ଥିଲେ । ସେ ଜଣେ ପରମେଶ୍ୱରଙ୍କ ଲୋକ ଥିଲେ ଯେ ବାଇବଲକୁ ତିବଥିୟ ଭାଷାରେ ଭାଷାନ୍ତର କରିଥିଲେ । ସେ ବାଇବଲକୁ ନିଜର ହସ୍ତ ଦ୍ୱାରା ତୀବଥିୟ ଭାଷାରେ ଲେଖିଥିଲେ । ତାଙ୍କୁ ସାକ୍ଷାତ କରିବା ମୋ ନିମନ୍ତେ ଏକ ମହାଆନନ୍ଦର ବିଷୟ ଥିଲା । ସେ ଆମ୍ଭମାନଙ୍କୁ ଗରମ ଚ଼ ଏବଂ ନୁଡୁଲୁସ୍ ଖାଇବାକୁ ଦେଲେ ।

ତାଙ୍କର ବାସ ଗୃହର ଅତି ନିକଟରେ ଥିବା ସି.ଏନ୍.ଆଇର ଗେଷ୍ଟ ହାଉସରେ ରହିବା ପାଇଁ ଆମ ନିମନ୍ତେ ବ୍ୟବସ୍ଥା କଲେ । ଆମ୍ଭେମାନେ ସକାଳ ସମୟରେ ସଙ୍କଟ ମଧ୍ୟରେ ଥିଲୁ ମାତ୍ର ସଂନ୍ଧ୍ୟା ସମୟରେ ପରମେଶ୍ୱରଙ୍କର ସ୍ତୁତି ପ୍ରଶଂସା କରିଥିଲୁ । ଯେଉଁ ପ୍ରକାରେ ପରମେଶ୍ୱର ଆମ୍ଭମାନଙ୍କୁ ଅତି ଆଶ୍ଚର୍ଯ୍ୟ ଜନକ ଭାବରେ କଢ଼ାଇ ନେଇଥିଲେ ସେଥିପାଇଁ ଆମ୍ଭେମାନେ ପରମେଶ୍ୱରଙ୍କ ଗୌରବ କରିଥିଲୁ । ଆମ୍ଭେମାନେ ବିଶ୍ୱାସର ସହିତ ପରମେଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଅଗ୍ରସର ହୋଇଥିଲୁ ସେଥିପାଇଁ ସେ ଆମ୍ଭମାନଙ୍କୁ ଅତି ଆଶ୍ଚର୍ଯ୍ୟ ଭାବରେ କଢ଼ାଇ ନେଇଥିଲେ । ଏପରିକି ସେ ଆଜି ମଧ୍ୟ ଆମ୍ଭମାନଙ୍କୁ କଢ଼ାଇ ନେଉଅଛନ୍ତି ।

ପରବର୍ତ୍ତି ଦିନ ସକାଳ ସମୟରେ ତୀବଥିୟ ଭାଷାରେ ତୀବଥିୟ ଭାଷାବାଦୀ ଲୋକମାନଙ୍କର ନିମନ୍ତେ ବିଶ୍ୱବାଣୀ ବେତାର କାର୍ଯ୍ୟକ୍ରମ ମାଧ୍ୟମରେ ସୁସମାଚାର ଘୋଷଣା କରିବା ସମ୍ବନ୍ଧରେ ଆମ୍ଭେମାନେ ଆଚାର୍ଯ୍ୟ ପିଟରଙ୍କୁ ଜଣାଇଲୁ । ଏହା ତାଙ୍କର ମଧ୍ୟ ଅଭିଳାଶ ଓ ଆକାଂକ୍ଷା ଅଟେ ବୋଲି ଆଚାର୍ଯ୍ୟ ପିଟର ଅତି ଆନନ୍ଦର ସହିତ ଆମ୍ଭମାନଙ୍କୁ କହିଲେ ଏବଂ ପରବର୍ତ୍ତି ଦିନ ଆଉ ଜଣେ ପରମେଶ୍ୱରଙ୍କ ଦାସ ଯେ ଏହି କାର୍ଯ୍ୟ ନିମନ୍ତେ ଅତ୍ୟଧିକ ଭାବରେ ସାହାୟକ ହୋଇପାରିବେ ତାଙ୍କର ସହିତ ଆମର ସାକ୍ଷାତ କରାଇବା ପାଇଁ କହିଲେ । ତା'ର ପରବର୍ତ୍ତି ଦିନ ସେ ଆମ୍ଭମାନଙ୍କୁ ପର୍ବତ ଆରୋହଣ ଓ ଆବତରଣ କରି ପାଖାପାଖି ଆଉ ଏକ ପାର୍ବତ୍ୟାଞ୍ଚଳକୁ ନେଇ ଯାଇଥିଲେ । ଏହା ଆମ୍ଭମାନଙ୍କର ନିମନ୍ତେ ନୂତନ ଓ କଷ୍ଟକର ପଥ ଥିଲା । ଆମ୍ଭେମାନେ ତାଙ୍କର ସକ୍ରିୟତା ଓ ପାର୍ବତ୍ୟାଞ୍ଚଳରେ ଅତି ସହଜରେ ଅଗ୍ରସର ହେବା ବିଷୟକୁ ଦେଖି ବିସ୍ମୟାନ୍ୱିତ ହୋଇଥିଲୁ । ଏହା ଆମ୍ଭମାନଙ୍କୁ ଆହୁରି ଶୀଘ୍ର ଅଗ୍ରସର ହେବା ନିମନ୍ତେ ଉତ୍ସାହିତ କରିଥିଲା ।

ଏହା ସେହି ସମୟଥିଲା ଯେତେବେଳେ ଆମ୍ଭମାନଙ୍କର ପାଖରେ ଦୂର ସଞ୍ଚାରର ସୁବିଧା ଆଦୌ ଉପଲବ୍ଧ ନଥିଲା ଯଦ୍ୱାରା ଆମ୍ଭେମାନେ ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ପୂର୍ବରୁ ତାଙ୍କୁ ଅବଗତ କରିପାରିବା । ସେ ଆମ୍ଭମାନଙ୍କୁ ଏକ ଗୃହକୁ ନେଇ ଗଲେ ଯାହା ପର୍ବତ ଅନ୍ୟ ପାର୍ଶ୍ୱର ଏକ ଉପତ୍ୟକାରେ ଅବସ୍ଥିତ ଥିଲା । ସେହି ବୃହତ କୋଠରି

ନିକଟରେ ଶିଶୁ ମାନଙ୍କର ନିମନ୍ତେ ଏକ ବାଳାଶ୍ରମ ଥିଲା ଏବଂ ସେଠାରେ ଅନେକ ପିଲାମାନେ ବାସ କରୁଥିଲେ । ସେଠାରେ ଆମ୍ଭେମାନେ ଆର୍ଚ୍ଚର୍ଯ୍ୟ ଡେକଚେନଙ୍କୁ ସାକ୍ଷାତ କଲୁ ଏବଂ ଯେତେବେଳେ ଆମ୍ଭେମାନେ ବେତାର ମାଧ୍ୟମରେ ସୁସମାଚାର ଘୋଷଣା କରିବା ନିମନ୍ତେ ଏକ ବ୍ୟକ୍ତିଙ୍କର ଆବଶ୍ୟକ କରୁଅଛୁ ବୋଲି ତାଙ୍କୁ କହିଲୁ ସେ ଅତି ପ୍ରେମରେ ଆମର ନିମନ୍ତ୍ରଣକୁ ସ୍ୱିକାର କରିଥିଲେ । ତାଙ୍କର ବାପା ହିମାଳୟ ଅଞ୍ଚରେ ସାଧୁ ସୁନ୍ଦରସିଂଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରୁଥିଲେ ବୋଲି ଆମ୍ଭମାନଙ୍କୁ ଜଣାଇଥିଲେ । ଉପଯୁକ୍ତ ବ୍ୟକ୍ତିଙ୍କର ନିକଟକୁ ଚଳନା କରିଥିବାରୁ ଆମ୍ଭେମାନେ ପରମେଶ୍ୱରଙ୍କୁ ଧନ୍ୟବାଦ ଜ୍ଞାପନ କଲୁ । ଆମ୍ଭେମାନେ ଏହି ଖୁସି ଖବରକୁ ଏମିଲ ଜେବାସିଂଙ୍କୁ ଜଣାଇବା ପାଇଁ ଆଗ୍ରହ ପ୍ରକାଶ କରୁଥିଲୁ ମାତ୍ର ସୁବିଧା ନଥିବାରୁ ଆମ୍ଭେମାନେ କେବଳ ସିଲିଗୁଡ଼ିଠାରୁ ତାଙ୍କୁ ଯୋଗାଯୋଗ କରିପାରିଥାନ୍ତୁ ।

ଯେତେବେଳେ ଆମ୍ଭେମାନେ ସିଲିଗୁଡ଼ିକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଯାତ୍ରା ଆରମ୍ଭ କଲୁ ସେତେବେଳେ ଆମ୍ଭେମାନେ ଆଚାର୍ଯ୍ୟ ପିଟରଙ୍କୁ ଧନ୍ୟବାଦ ଦେଲୁ କାରଣ ଭୁସ୍ଖଳନ ଯୋଗୁଁ ରାସ୍ତା ସଂପୂର୍ଣ୍ଣ ଭାବରେ ଅବରୁଦ୍ଧ ହୋଇଥିବାରୁ ଆମ୍ଭେମାନେ ସେଠାରେ ଅଳ୍ପକିଛିଦିନ ରହିଗଲୁ । ଏହା ହିମାଳୟଅଞ୍ଚଳରେ ଅତି ସାଧାରଣ ବିଷୟ ଅଟେ । ସେହି ବିପଦପୂର୍ଣ୍ଣ ପଥ ଦେଇ ଫେରିବା ବ୍ୟତୀତ ଆମ ନିମନ୍ତେ ଆଉ ଅନ୍ୟ କୌଣସି ଉପାୟ ନଥିବାରୁ । ଆମ୍ଭେମାନେ ସେଠାରେ ଅଳ୍ପ କେତେ ଦିନ ରହିଯାଇଥିଲୁ । ଏହି ଅଳ୍ପ ଦିନର ରହଣୀ ମଧ୍ୟରେ ଆମ୍ଭେମାନେ ପର୍ବତ, ଉପତ୍ୟକା, ନଦୀ ଅତି ସୁନ୍ଦର ଫୁଲରେ ପରିପୂର୍ଣ୍ଣ ଛୋଟ ଛୋଟ ବାସଭବନ ଗୁଡ଼ିକ ଦେଖି ଅତି ଆନନ୍ଦିତ ହୋଇଥିଲୁ । ଆମ୍ଭେମାନେ ସେମାନଙ୍କର ଭାଷା ଜାଣି ନଥିବାରୁ ସେମାନଙ୍କର ସହିତ ବାର୍ତ୍ତାଳାପ କରିପାରିନଥିଲୁ । ମାତ୍ର ଆମ୍ଭେମାନେ ଯେଉଁ କାର୍ଯ୍ୟ କରିବା ନିମନ୍ତେ ପର୍ବତ ଆରୋହଣ କରିଥିଲୁ ପରମେଶ୍ୱର ସେହି କାର୍ଯ୍ୟ ସମାପ୍ତ କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାର୍ଯ୍ୟ କରିଥିଲେ ।

ପରବର୍ତ୍ତି ସମର୍ପଣ ସମାଚାର ପତ୍ରିକାରେ ମୁଁ ସେବାକାର୍ଯ୍ୟର ଅନୁଭୂତି ବିଷୟରେ ଲେଖିବି ଯେଉଁ ସ୍ଥାନକୁ ସ୍ୱୟଂ ପରମେଶ୍ୱର ଅଗ୍ରଗାମୀ ହୋଇ ଆମ୍ଭମାନଙ୍କୁ ପରିଚାଳନା କରିଥିଲେ ।

# ପରମେଶ୍ୱର ସେମାନଙ୍କର ଲୁହ ପୋଛି ଦିଅନ୍ତୁ !



ଗତ ୦୧.୦୬.୨୦୨୪ ତାରିଖର ଅତି ପ୍ରାତଃ ସମୟରେ ତେଲେଙ୍ଗାନା ରାଜ୍ୟର ଭତକୁର କାର୍ଯ୍ୟକ୍ଷେତ୍ରରେ ସୁସମାଚାର ପ୍ରଚାର କରୁଥିବା କାର୍ଯ୍ୟକାରୀ ଆଦମଙ୍କର ସହଧର୍ମିଣୀ ଶ୍ରୀମତି ରାହେଲ ଆଦମ (୪୫) ପରମେଶ୍ୱରଙ୍କ କୋଳକୁ ଚିରଦିନ ନିମନ୍ତେ ଚାଲିଗଲେ । ସେ ମାନସିକ ରୋଗରେ ଆକ୍ରାନ୍ତ ଥିଲେ ଏବଂ ତାଙ୍କର ଶରୀରର ଅଙ୍ଗପ୍ରତ୍ୟେଙ୍ଗ ଗୁଡ଼ିକ ଗୋଟିଏ ପରେ ଗୋଟିଏ କାର୍ଯ୍ୟ କରିବା ବନ୍ଦ ହୋଇଥିଲା । ସ୍ୱାସ୍ଥ୍ୟ ଜନିତ ସହାୟକ ମଧ ତାଙ୍କୁ ଆଦୌ ସାହାର୍ଯ୍ୟ କରିନଥିଲେ । ତେଲେଙ୍ଗାନା ରାଜ୍ୟରେ ତାଙ୍କର ସେବାକାର୍ଯ୍ୟ ନିମନ୍ତେ ଆମ୍ଭେମାନେ ପରମେଶ୍ୱରଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ । ଆମର କାର୍ଯ୍ୟକାରୀ ଆଦମ ତଥା ତାଙ୍କର ଦୁଇ ସନ୍ତାନ ରତ୍ନା ଓ ରକସିତାଙ୍କ ଶାନ୍ତି ସାନ୍ତ୍ୱନା ନିମନ୍ତେ ଦୟାପୂର୍ବକ ପ୍ରାର୍ଥନା କରନ୍ତୁ ।



ଭାଇ ଭେଙ୍କଟେସନ ଦାନିଯେଲ ରାମନାଥପୁରମ ଜିଲ୍ଲାର ପ୍ରମୋଶନାଲ କାର୍ଯ୍ୟକାରୀ ଅଟନ୍ତି । ତାଙ୍କର ସହଧର୍ମିଣୀ ଶ୍ରୀମତୀ ପ୍ରିୟା (୩୩ ବର୍ଷ ଗତ ୦୧.୦୬.୨୪ ତାରିଖ ଦିନ ପରମେଶ୍ୱରଙ୍କ କୋଳକୁ ଚିରଦିନ ନିମନ୍ତେ ଚାଲିଗଲେ । ଶ୍ରୀମତୀ ପ୍ରିୟା ସ୍ୱାମୀଙ୍କର ସେବାକାର୍ଯ୍ୟ ନିମନ୍ତେ ଜଣେ ମହାନ ସହେଯାଗୀ ଥିଲେ ଏବଂ ସେ ପରମେଶ୍ୱରଙ୍କର ଠାରେ ଦୃଢ଼ ବିଶ୍ୱାସ କରୁଥିଲେ । ସେ ଗତ ୧୩.୦୫.୨୪ ତାରିଖ ଦିନ ଏକ ସଡ଼କ ଜନିତ ଦୁର୍ଘଟଣାର ସମ୍ମୁଖିନ ହୋଇ ଅବିରତ ଭାବରେ ଚିକିତ୍ସାଧିନ ଥିଲେ ମାତ୍ର ବର୍ତ୍ତମାନ ସେ ପୁନରୁଥାନ ନିମନ୍ତେ ବିଶ୍ରାମ ନେଇଅଛନ୍ତି । ତାଙ୍କର ୫ ବର୍ଷର ପୁଅ ଯିହୋଶୂୟ, ଭାଇ ଭେଙ୍କଟେସନ, ପିତାମାତା ଏବଂ ସେମାନଙ୍କର ପରିବାର ନିମନ୍ତେ ଦୟାପୂର୍ବକ ପ୍ରାର୍ଥନା କରନ୍ତୁ ।

# ବୃଦ୍ଧିପ୍ରାପ୍ତ ଓ ବହୁଗୁଣିତ ହେବା !

-ଆଚାର୍ଯ୍ୟ.ଡ଼.ଆର.ପୋନ ସୁବରସନ୍

ଏହାର ପୂର୍ବ ଆଲୋଚନାରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପୁନରୁତ୍‌ଥାନ ଓ ସ୍ୱର୍ଗାରୋହଣ ପରେ ପବିତ୍ର ଆତ୍ମାଙ୍କର ଦ୍ୱାରା ନୂତନ ମଣ୍ଡଳୀର ଗଠନ ବିଷୟରେ ଆମ୍ଭେମାନେ ଧ୍ୟାନପୂର୍ବକ ଆଲୋଚନା କରିଅଛୁ । ମଣ୍ଡଳୀ ଅଗଣିତ ପ୍ରତିବନ୍ଧକର ସମ୍ମୁଖିନ ହୋଇଥିଲା । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଦ୍ୱାରା ସ୍ଥାପିତ ମଣ୍ଡଳୀ କୌଣସି ପ୍ରାକରର ବଳ ଓ ପ୍ରକୋପ ଦ୍ୱାରା ପ୍ରଭାବିତ ହୋଇ ନଥିଲା ବୋଲି ପ୍ରେରିତ ପୁସ୍ତକ ସ୍ପଷ୍ଟ ଭାବରେ ସାକ୍ଷ୍ୟ ପ୍ରଦାନ କରିଅଛି । ସେହି ବିପରୀତ ପରିସ୍ଥିତି ମଧ୍ୟରେ ସୁଦ୍ଧା ମଣ୍ଡଳୀ ବୃଦ୍ଧିପ୍ରାପ୍ତ ହେବା ଆରମ୍ଭ ହୋଇଥିଲା । ଯିହୂଦା, ଗାଲିଲୀ ଏବଂ ଶମରୀଆର ଚତଃପାର୍ଶ୍ୱରେ ସ୍ଥାପିତ ହୋଇଥିବା ମଣ୍ଡଳୀ ଶାନ୍ତିର ସମୟରେ ଆନନ୍ଦ ଉପଭୋଗ କରିଥିଲା ଏବଂ ଅଧିକ ଶକ୍ତିଯୁକ୍ତ ହୋଇଥିଲା । ପରମେଶ୍ୱର ବିଷୟକ ଭୟରେ ସେମାନେ ଜୀବନ ଅତିବାହିତ କରୁଥିବାରୁ ତଥା ପବିତ୍ର ଆତ୍ମାଙ୍କର ଦ୍ୱାରା ସେମାନଙ୍କୁ ଉତ୍ସାହିତ କରାଯାଉଥିବାରୁ ସେମାନଙ୍କର ସଂଖ୍ୟା ବୃଦ୍ଧିପ୍ରାପ୍ତ ହୋଇଥିଲା । (ପ୍ରେରିତ ୯:୩୧) । ଏହି ପଦକୁ ଆସନ୍ତୁ ଧ୍ୟାନର ସହିତ ଚିନ୍ତା କରୁ ।

ଯେଉଁ ଦିନରୁ ମଣ୍ଡଳୀ ଅସ୍ତିତ୍ୱକୁ ଆସିଲା ସେହି ଦିନରୁ ଲୁକ ଅନେକ ଘଟଣାବଳୀ ଗୁଡ଼ିକୁ କଲମବଦ୍ଧ କରିଥିଲେ । ଯିହୂଦାଙ୍କର ପ୍ରତିବଦଳରେ ମାଥିୟଙ୍କୁ ବାଛିବା, ପିତର ଏବଂ ଯୋହନଙ୍କର ବନ୍ଦୀ, ହନନୀୟ ଓ ଶଫୀରଙ୍କ ମୃତ୍ୟୁ ଏବଂ ମଣ୍ଡଳୀ ମଧ୍ୟରେ ଉପୁଜିଥିବା ସମସ୍ତ ସମସ୍ୟା ଗୁଡ଼ିକୁ କିପରି ଭାବରେ ଶିଷ୍ୟମାନେ ସମ୍ଭାଳିଥିଲେ ସେହି ସମସ୍ତ ବିଷୟ ସେଥିରେ ଅନ୍ତର୍ଭୂକ୍ତ ଅଟେ । ଏହି ସମସ୍ତ ଘଟଣା ଗୁଡ଼ିକ ବିସ୍ମୟ ସୃଷ୍ଟି କରିଥିଲା । ଏହା ପରେ କିଛି ପ୍ରତିକୂଳ ଘଟଣା ଗୁଡ଼ିକ ଘଟିଥିଲା ଯଥା ଷ୍ଟିଫାନଙ୍କର ମୃତ୍ୟୁ, ମଣ୍ଡଳୀ ଛିନ୍ନ ଭିନ୍ନ ହେବା ତଥା ଶାଉଲଙ୍କର ଧର୍ମୀୟ ଉତ୍ସୁକତା ମାତ୍ର ଏହି ସମସ୍ତ ଘଟଣା ଗୁଡ଼ିକ ମଣ୍ଡଳୀର ବୃଦ୍ଧିରେ ଆଦୌ ଅଙ୍କୁଶ ଲଗାଇ ପାରିନଥିଲା । ବିଶ୍ୱାସୀମାନେ ୩୦୦୦ ରୁ ୫୦୦୦ ସଂଖ୍ୟା ମଧ୍ୟକୁ ବୃଦ୍ଧିପ୍ରାପ୍ତ ହୋଇଥିଲେ । ଇଥିଓପିଆ ଅଧିକାରୀଙ୍କର ମନପରିବର୍ତ୍ତନ, ଫିଲିପ୍ପି ସହରରେ ଆନନ୍ଦ ଏବଂ ଶିଷ୍ୟମାନଙ୍କ ସଂଖ୍ୟା ବୃଦ୍ଧି ଏହି ଘଟଣା ବଳୀ ଗୁଡ଼ିକ ମଣ୍ଡଳୀକୁ ଅଭିବୃଦ୍ଧି ହେବା ନିମନ୍ତେ ପରିଚାଳିତ କରିଥିଲା । ଯଦିଓ ସେଠାରେ ସମସ୍ୟା ଓ ବିଫଳତା ଥିଲା ମାତ୍ର ସେମାନଙ୍କର ମଧ୍ୟରେ ଦୃଢ଼ ବିଶ୍ୱାସ ରହିଥିଲା । ପ୍ରତିବନ୍ଧକ ଲକ୍ଷ୍ୟ କରି ବିଶ୍ୱାସୀମାନେ ଗୃହ ମଧ୍ୟରେ ଆବଦ୍ଧ ହୋଇ ରହି ନଥିଲେ । ଯଦିଓ ସେମାନଙ୍କର ନିମନ୍ତେ ନିଜସ୍ୱ ଅନେକ ଆବଶ୍ୟକତା ମଧ୍ୟ ରହିଥିଲା ମାତ୍ର ସେ ସବୁ ବିଷୟକୁ ଚିନ୍ତା କରି ମଣ୍ଡଳୀ ଯିହୂଦା ଓ ଶମିରିଆରେ ସୁସମାଚାର ଘୋଷଣା କରିବା ନିମନ୍ତେ ଲୋକମାନଙ୍କୁ ପ୍ରେରଣ କରିବା ପାଇଁ ଆଦୌ ସଙ୍କୋଚ କରିନଥିଲା । ମଣ୍ଡଳୀର ସବୁଠାରୁ ଶକ୍ତିଶାଳୀ ଏହି ଗୁଣ ବିଷୟରେ ଏହା ପ୍ରକାଶ କରେ । ଆଦ୍ୟ ମଣ୍ଡଳୀରେ ପରିଲକ୍ଷିତ ହେଉଥିବା ଆଧ୍ୟାତ୍ମିକ ଅବସ୍ଥା ବିଷୟରେ ଲୁକ ଏହି ପୁସ୍ତକରେ ଉଲ୍ଲେଖ କରିଅଛନ୍ତି ।

ପ୍ରଥମତଃ ମଣ୍ଡଳୀ ମଧ୍ୟରେ ଶାନ୍ତି ଥିଲା । (EIRENEN) ଶବ୍ଦ ଶାନ୍ତି ନିମନ୍ତେ ଗ୍ରୀକ ଶବ୍ଦ ଅଟେ ? ଏହାର ଅର୍ଥ ସେମାନଙ୍କର ଆତ୍ମା ଶାନ୍ତିରେ ଥିଲା ଅବା ସେମାନଙ୍କର ହୃଦୟ ସନ୍ତୁଷ୍ଟତା ଲାଭ କରିଥିଲା । ମଣ୍ଡଳୀକୁ ଗୋଟିଏ ପାର୍ଶ୍ୱରୁ ଯିରୁଶାଲମର ମହାଯାଜକଙ୍କ ଠାରୁ ତଥା ଅନ୍ୟ ପାର୍ଶ୍ୱରୁ ପାଉଲଙ୍କ ଠାରୁ ପ୍ରତିବନ୍ଧକର ସମ୍ମୁଖିନ ହେବାକୁ ପଡୁଥିଲା । ରୋମୀୟ ସମ୍ରାଟ କାଳିଗୁଲ ଯିରୁଶାଲମ ମନ୍ଦିରରେ ନିଜର ପ୍ରତିମା ସ୍ଥାପନ କରି ଲୋକମାନଙ୍କୁ ଉପାସନା କରିବା ନିମନ୍ତେ ବଳ ପ୍ରୟୋଗ କରୁଥିଲେ । ତେଣୁ ପ୍ରଧାନ ଯାଜକ ଲୋକମାନଙ୍କୁ ନିର୍ଯ୍ୟାତନା କରିବା ବନ୍ଦ କରି ମନ୍ଦିରର ସୁରକ୍ଷା ନିମନ୍ତେ ନିଜର ଧ୍ୟାନ ପରିବର୍ତ୍ତନ କରିଥିଲେ । ତେଣୁ ଲୋକମାନଙ୍କୁ ଶାଉଲ ଏବଂ ପ୍ରଧାନ ଯାଜକଙ୍କଠାରୁ ଅଳ୍ପ ଉପଶମ ମିଳିଥିଲା । ପରମେଶ୍ୱର ସମସ୍ତ ପଥରୁ ନିଜର ଯୋଜନା ସଫଳ କରିବା ନିମନ୍ତେ କାର୍ଯ୍ୟ କରିଥାନ୍ତି ।

ଯିହୂଦା, ଗାଲିଲୀ ଏବଂ ଶମରିଆ ଏହି ତିନି ଗୋଟି ସ୍ଥାନକୁ ଲୁକ ନିର୍ଦ୍ଦିଷ୍ଟ କରିଅଛନ୍ତି ଯାହାର ସିଦ୍ଧାନ୍ତ ଏବଂ ସଂସ୍କୃତି ପରସ୍ପରଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ ଅଟେ । ମାତ୍ର ସୁସମାଚାର ସେମାନଙ୍କୁ ଏକତ୍ର କରିଥିଲା । ଯେଉଁ ଲୋକମାନଙ୍କୁ ସୁସମାଚାର ସ୍ପର୍ଶ ଓ ପ୍ରଭାବ କରିଥିଲା ସେମାନେ ପ୍ରେରିତ ମାନଙ୍କର ଶିକ୍ଷାରେ ବୃଦ୍ଧିପ୍ରାପ୍ତ ହେଉଥିଲେ । ସେମାନଙ୍କର ଆଧ୍ୟାତ୍ମିକ ଜୀବନ ନିମନ୍ତେ ତାହା ଶାନ୍ତିର ଦିବସ ହୋଇଥିଲା ଏବଂ ଯେତେବେଳେ ସେମାନେ ନିର୍ଯ୍ୟାତନାର ସମ୍ମୁଖିନ ହେଲେ ସେମାନେ ତା'ର ସମ୍ମୁଖିନ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିଥିଲେ । ବର୍ତ୍ତମାନର ଏହି ଯୁଗରେ ଆମ୍ଭେମାନେ ଯେଉଁ ଶାନ୍ତିପୂର୍ଣ୍ଣ ସମୟ ଉପଭୋଗ କରୁଅଛୁ ତାହା ଦ୍ୱାରା ଆଧ୍ୟାତ୍ମିକ ଭାବରେ ଆମ୍ଭେମାନେ ବୃଦ୍ଧିପ୍ରାପ୍ତ ହେବା ଏକାନ୍ତ ଆବଶ୍ୟକ ଅଟେ ବୋଲି ଏହି ଶାସ୍ତ୍ରାଂଶରୁ ଆମ୍ଭେମାନେ ଏକ ବିଶେଷ ଶିକ୍ଷା ଲାଭ କରିଥାଉ ।

ଦ୍ୱିତୀୟତଃ ମଣ୍ଡଳୀ ଆଧ୍ୟାତ୍ମିକ ଭାବରେ ବୃଦ୍ଧିପ୍ରାପ୍ତ ହେବା ଆରମ୍ଭ କରିଥିଲା । ଗ୍ରୀକ ଶବ୍ଦ (OIKODEMEO) ର ଉପଯୋଗ ଆଧ୍ୟାତ୍ମିକ ଭାବରେ ବୃଦ୍ଧିପ୍ରାପ୍ତ ନିମନ୍ତେ ବ୍ୟବହୃତ ହୋଇଥାଏ । ଏହାର ଅର୍ଥ ବଦ୍ଧମୂଳ ହେବା, ସୃଷ୍ଟି କରିବା, ଦୃଢ଼ତାର ସହିତ ସ୍ଥିର ରହିବା ଓ ସ୍ଥାପନ କରିବା ଅଟେ । ଏହା ଆଧ୍ୟାତ୍ମିକ ବୃଦ୍ଧି ପାଇଁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥାଏ । ତେଣୁ ମଣ୍ଡଳୀ ବିଶ୍ୱାସରେ ଦୃଢ଼ତାର ସହିତ ସ୍ଥିର ହେବା ଆରମ୍ଭ କରିଥିଲା ଏବଂ ସେ ପର୍ଯ୍ୟନ୍ତ ବିକଶିତ ହୋଇଥିଲା ଯେପର୍ଯ୍ୟନ୍ତ ଏହା ବିଷୟରେ ଅନ୍ୟମାନେ ସ୍ପଷ୍ଟ ଭାବରେ ଜାଣି ପାରିନଥିଲେ । ଯେତେବେଳେ ପ୍ରଭୁ ଯୀଶୁ "ମୁଁ ଆପଣା ମଣ୍ଡଳୀ ତୋଳିବି ବୋଲି କହିଥିଲେ ସେହି ସମୟରେ ସେହି ସମାନ ଶବ୍ଦ (OIKODEMEO) ବ୍ୟବହାର କରାଯାଇଥିଲା । ସେ କିପରି ଭାବରେ ମଣ୍ଡଳୀ ସ୍ଥାପନ କରିଥିଲେ ସେହି ବିଷୟରେ ପାଉଲ ଏଫିସୀୟ ୪:୧୧-୧୫ ପଦରେ ଉଲ୍ଲେଖ କରିଅଛନ୍ତି । ଆଧ୍ୟାତ୍ମିକ ଭାବରେ ବୃଦ୍ଧି ପାଇବାର ଅର୍ଥ ସଂପୂର୍ଣ୍ଣ ବା ପୁରାପୂରି ଭାବରେ ବୃଦ୍ଧି ଅଟେ । ଏହି ଆବଶ୍ୟକତାକୁ ଯେଉଁମାନେ ସଂପୂର୍ଣ୍ଣ କରିପାରିବେ ପାଉଲ ସେମାନଙ୍କୁ ଏହା ଲେଖିଅଛନ୍ତି (୧୫ ପଦ) । ସେଥିପାଇଁ ସ୍ୱୟଂ ଖ୍ରୀଷ୍ଟ ପ୍ରେରିତ, ଭାବବାଦୀ, ସୁସମାଚାର ପ୍ରଚାରକ, ପାଳକ ଏବଂ ଶିକ୍ଷକ ପ୍ରଦାନ କରିଅଛନ୍ତି ଯଦ୍ୱାରା ସେବାକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ପ୍ରଶିକ୍ଷିତ କରାଯାଇପାରିବ ଏବଂ ଖ୍ରୀଷ୍ଟଙ୍କର ଶରୀର ସେପର୍ଯ୍ୟନ୍ତ ନିର୍ମିତ ହେବ ଯେପର୍ଯ୍ୟନ୍ତ ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଏକତା ସ୍ଥାପନ କରିନାହୁଁ ପୁଣି ପରମେଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ପରିପକ୍ୱ ଏବଂ ଖ୍ରୀଷ୍ଟଙ୍କର ପୂର୍ଣ୍ଣତାରେ ପରିମାଣାନୁସାରେ ପୂର୍ଣ୍ଣ ବୟସ୍କ ପୁରୁଷ ହୋଇନାହୁଁ ।

ମଣ୍ଡଳୀର ନିଷ୍ଠାର ଚିହ୍ନ କ'ଣ ଅଟେ ? ଲୋକମାନେ ବିଶ୍ୱାସରେ ତଥା ପରମେଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ବୃଦ୍ଧିପ୍ରାପ୍ତ ହେଉଥିଲେ । ସେମାନେ ସଂପୂର୍ଣ୍ଣ ଓ ପରିପୂର୍ଣ୍ଣ ହୋଇଥିଲେ । ମଣ୍ଡଳୀ ସାଧୁମାନଙ୍କୁ ପ୍ରଶିକ୍ଷିତ ହେବା ନିମନ୍ତେ ଉତ୍ସାହିତ କରୁଥିଲା । ତେଣୁ ସେମାନେ ଖ୍ରୀଷ୍ଟଙ୍କଠାରେ ବୃଦ୍ଧିପ୍ରାପ୍ତ ହୋଇଥିଲେ । ମଣ୍ଡଳୀର ସ୍ଥାପନ ନିମନ୍ତେ ଆହ୍ୱାନ କରାଯାଇଥିବା ଲୋକମାନଙ୍କର ବିଶ୍ୱସ୍ତତାର ଯୋଗୁଁ ମଣ୍ଡଳୀ ଏପରି ଭାବରେ ପ୍ରସ୍ଫୁଟିତ ହେବାକୁ ଲାଗିଥିଲା । ପୋଷାକ ପରିଚ୍ଛନ୍ନ, ମଣ୍ଡଳୀ ମଧ୍ୟରେ ସେମାନେ ପାଳନ କରୁଥିବା ନିୟମାବଳୀ, ସେମାନେ ଯେଉଁ ପ୍ରକାରେ ମଣ୍ଡଳୀକୁ ଯାଆନ୍ତି ଏବଂ ସେମାନେ ଯେଉଁ ଶାନ୍ତଶିଷ୍ଟ ଜୀବନ ଅତିବାହିତ କରନ୍ତି ତାହା ଦେଖି ଲୋକମାନେ ସେମାନଙ୍କୁ ଧାର୍ମିକ ବ୍ୟକ୍ତି ବୋଲି କହିଥାନ୍ତି ମାତ୍ର ମଣ୍ଡଳୀ ବିଶ୍ୱାସରେ ତଥା ପରମେଶ୍ୱର ବିଷୟକ ଜ୍ଞାନରେ କ'ଣ ବୃଦ୍ଧି ହେଉଅଛି ? ଲୋକମାନେ କ'ଣ ପୁନଃମିଳିତ ହେଉଅଛନ୍ତି ? ଲୋକମାନେ ସତ୍ୟତାକୁ କ'ଣ ଉପଯୁକ୍ତ ଭାବରେ ପାଳନ କରୁଅଛନ୍ତି ? ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ କ'ଣ ପୂର୍ଣ୍ଣ ମାତ୍ରାରେ ବୃଦ୍ଧି ପାଉଅଛି ? ଏହି ପ୍ରଶ୍ନ ଗୁଡ଼ିକ ନିମନ୍ତେ କ'ଣ ଆମ୍ଭମାନଙ୍କର ପାଖରେ ଉତ୍ତର ଅଛି ?

ତୃତୀୟତଃ ଲୁକ ପରମେଶ୍ୱର ବିଷୟକ ଜ୍ଞାନ ସମ୍ବନ୍ଧରେ ଲେଖିଅଛନ୍ତି । ଆଦ୍ୟ ମଣ୍ଡଳୀର ବିଶ୍ୱାସୀମାନଙ୍କର ମଧ୍ୟରେ ଈଶ୍ୱର ଭୟ ରହିଥିଲା । ଭୟ ନିମନ୍ତେ ବ୍ୟବହୃତ ଗ୍ରୀକ୍ ଶବ୍ଦ (PHOBOS) ଅଟେ ।

ଏଠାରେ ଏହାର ଅର୍ଥ ଥରହର ହେବା ବା ପଳାୟନ କରିବା ନୁହେଁ । ଏହାର ବିପରିତ ହେଉଛି ଆମ୍ଭେମାନେ ସେହି ଜ୍ଞାନ ମାଧ୍ୟମରେ ପରମେଶ୍ୱରଙ୍କ ନିକଟବର୍ତ୍ତି ହୋଇଥାଉ ଯାହା ଆମ୍ଭେମାନେ ତାଙ୍କ ଠାରୁ ପ୍ରାପ୍ତ ହୋଇଥାଉ ଏବଂ ତାଙ୍କୁ ସମ୍ମାନ ଦେଇଥାଉ । ଯେତେବେଳେ ଆମ୍ଭେମାନେ ହିତୋପଦେଶ ୧:୮; ୮:୧୩; ୧୦:୨୭; ୧୪:୨୬-୨୭; ୧୬:୬; ୧୯:୨୩; ୨୨:୪ ପାଠ କରୁ ସେଠାରେ ଆମ୍ଭେମାନେ ପରମେଶ୍ୱର ବିଷୟକ ଭୟ ଉତ୍ତମ କାର୍ଯ୍ୟ ଯଥା ଭରସା, ସମ୍ମାନ, ଉପାସନା ଓ ବାଧ୍ୟତା ଆଣିବା ବିଷୟରେ ଲକ୍ଷ୍ୟ କରିଥାଉ । ତେବେ, ଆମ୍ଭେମାନେ ସେହି ସମସ୍ତ ବିଷୟ ଗୁଡ଼ିକ ପରିତ୍ୟାଗ କରିବା ଆବଶ୍ୟକ ଅଟେ ଯାହା ତାଙ୍କୁ  ସନ୍ତୁଷ୍ଟ କରି ନଥାଏ ଏବଂ ତାଙ୍କର ହୃଦୟକୁ ସମସ୍ୟାଗ୍ରସ୍ତ କରିଥାଏ । ତେବେ ଆମ୍ଭେମାନେ ସେହି ସମସ୍ତ ବିଷୟ ଗୁଡ଼ିକ ପରିତ୍ୟାଗ କରିବା ଆବଶ୍ୟକ ଅଟେ ଯାହା ତାଙ୍କୁ ସନ୍ତୁଷ୍ଟ କରି ନଥାଏ ଏବଂ ତାଙ୍କର ହୃଦୟକୁ ସମସ୍ୟାଗ୍ରସ୍ତ କରିଥାଏ । ଆମ୍ଭେମାନେ ତାଙ୍କୁ ବିଶ୍ୱାସ କରିବା, ତାଙ୍କର ଉପାସନା କରିବା ତଥା ତାଙ୍କର ନିମନ୍ତେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ ଅଟେ । ଆମ୍ଭେମାନେ ତାଙ୍କର ଇଚ୍ଛାନୁସାରେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ ଅଟେ । ତେବେ ପରମେଶ୍ୱରଙ୍କୁ ଭୟ କରୁଥିବା ଏକ ମଣ୍ଡଳୀ ତାହା ହୋଇପାରିବ ।

ପରିଶେଷରେ ମଣ୍ଡଳୀ ପବିତ୍ର ଆତ୍ମାଙ୍କର ସାନ୍ତ୍ୱନାରେ ଅନେକ ଗୁଣ ବୃଦ୍ଧିପ୍ରାପ୍ତ ହୋଇଥିଲା । ଗ୍ରୀକ ଶବ୍ଦ (PARAKLESEI) ସନ୍ତ୍ୱନା ନିମନ୍ତେ ବ୍ୟବହୃତ ହୋଇଥାଏ । ଏହାର ଅର୍ଥ ସାନ୍ତ୍ୱନାକାରୀ ବା ଯେ ସାନ୍ତ୍ୱନା ଦିଏ । ଯେତେବେଳେ ପ୍ରଭୁ ଯୀଶୁ ପବିତ୍ର ଆତ୍ମାଙ୍କର ବିଷୟରେ ବର୍ଣ୍ଣନା କରିଥିଲେ ସେତେବେଳେ ସେ ସନ୍ତ୍ୱନାକାରୀ ଶବ୍ଦ ବ୍ୟବହାର କରିଥିଲେ (ଯୋହନ ୧୪:୧୬,୨୬) । ଏହାର କାରଣ ପବିତ୍ର ଆତ୍ମା ସେ ସମସ୍ତଙ୍କର ହୃଦୟରେ ବାସ କରନ୍ତି ଯେଉଁମାନେ ପ୍ରଭୁ ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଅଛନ୍ତି । ସେ ଆମ୍ଭମାନଙ୍କୁ ସମସ୍ତ ପ୍ରକାରର ପରିସ୍ଥିତିରେ କେବଳ ସାହାର୍ଯ୍ୟ କରନ୍ତି ତାହା ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ ସାନ୍ତ୍ୱନା ଦିଅନ୍ତି ଏବଂ ଆମ୍ଭମାନଙ୍କର ନିକଟବର୍ତ୍ତି ହୋଇଥାନ୍ତି । ପ୍ରଭୁ ଯୀଶୁ ଯେଉଁ ସମସ୍ତ ବିଷୟ ଶିକ୍ଷା ଦେଇଅଛନ୍ତି ତାହା କରିବା ନିମନ୍ତେ ସେ ଆମ୍ଭମାନଙ୍କୁ ସ୍ମରଣ କରାଇଥାନ୍ତି । ଆମ୍ଭେମାନେ ଏହାକୁ ହୃଦୟଙ୍ଗମ କରିବା ତଥା ପବିତ୍ର ଆତ୍ମାଙ୍କର କାର୍ଯ୍ୟ ନିମନ୍ତେ ଉତ୍ତର ଦେବା ଏକାନ୍ତ ଆବଶ୍ୟକ ଅଟେ । ତେବେ ଆମ୍ଭେମାନେ ମଧ୍ୟ ସେହି ମଣ୍ଡଳୀ ସଦୃଶ୍ୟ ବୃଦ୍ଧିପ୍ରାପ୍ତ ହୋଇପାରିବା ଯାହା ପ୍ରାରମ୍ଭିକ ଦିନରେ ବହୁଗୁଣିତ ହୋଇଥିଲା ।

ବର୍ତ୍ତମାନ ମଣ୍ଡଳୀର କେତେ ବୃଦ୍ଧି ହୋଇଅଛି ? ମଣ୍ଡଳୀର ବୃଦ୍ଧିକୁ ଦେଖିବା ନିମନ୍ତେ ଆମ୍ଭେମାନେ କେଉଁ ଉପାୟ ଅନୁସରଣ କରିଥାଉ ? ମଣ୍ଡଳୀ କ'ଣ ଆତ୍ମା ନିମନ୍ତେ ଉତ୍ତରଦାୟୀ ଅଟେ ? ଉପାସନା କରିବାର ଶୈଳୀ କ'ଣ ଉପାସନାର ଉତ୍ତର  ଅଟେ ? ପ୍ରକୋଷ୍ଠର ବିକଶିତ ତଥା ଜମିର ବିସ୍ତାର କ'ଣ ମଣ୍ଡଳୀର ବୃଦ୍ଧି ଅଟେ ? ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ କ୍ରିତ ମଣ୍ଡଳୀକୁ ପରିଚାଳନା କରୁଥିବା ଲୋକମାନେ ବର୍ତ୍ତମାନ ଅର୍ଥ, ଭୌତିକବାଦ, ପଦଧାରଣ ନିମନ୍ତେ ଉତ୍ସର୍ଗିକୃତ ହୋଇ ବିଶ୍ୱାସୀମାନଙ୍କୁ ସ୍ୱର୍ଗ ରାଜ୍ୟ ପରିବର୍ତ୍ତେଉନର୍କ ଅଭିମୂଖେ ନେଇଯାଉଥିବା ଦେଖି ଆପଣମାନେ କ'ଣ ଅଶ୍ରୁରେ ପରିପୂର୍ଣ୍ଣ ହେଉ ନାହାଁନ୍ତି ? ଯିହୂଦା, ଗାଲିଲୀ ଓ ଶମରୀଆର ମଣ୍ଡଳୀରେ ପରିଲକ୍ଷିତ ହୋଇଥିବା ଉତ୍ତମ କାର୍ଯ୍ୟ, ବିଶ୍ୱାସ ଏବଂ ଭରସା କିପରି ଭାବରେ ବର୍ତ୍ତମାନର ଆମ ମଣ୍ଡଳୀରେ ଦେଖାଯିବ ?

ଯେତେବେଳେ ଆମ୍ଭେମାନେ ଆଦ୍ୟ ମଣ୍ଡଳୀର ପଦ ଚିହ୍ନ ଅନୁସରଣ କରୁଅଛୁ ତେବେ ଆମ୍ଭମାନଙ୍କର ମାନବୀୟ ମନ ମଣ୍ଡଳୀର ସେହି ବୃଦ୍ଧି ଓ ବିକାଶରେ ଅଙ୍କୁଶ ଲଗାଇପାରିବ ନାହିଁ ଯାହାକୁ ସ୍ୱୟଂ ପ୍ରଭୁ ଯୀଶୁ ନିଜର ବହୁମୂଲ୍ୟ ରକ୍ତ ଦ୍ୱାରା କିଣିଅଛନ୍ତି । ମଣ୍ଡଳୀ ଅବିରତ ଭାବରେ ବୃଦ୍ଧିପ୍ରାପ୍ତ ଓ ପ୍ରସ୍ଫୁଟିତ ହେବାର ସତ୍ୟତା ପ୍ରେରିତ ୯:୩୧ ପଦରେ ପ୍ରକାଶିତ ହୋଇଅଛି । ■

# ପରମେଶ୍ୱରଙ୍କ ସନ୍ତାନମାନଙ୍କର ବିଶେଷାଧିକାର ପରମେଶ୍ୱରଙ୍କ ସୈନ୍ୟମାନଙ୍କର କର୍ତ୍ତବ୍ୟ !

-ଆଚାର୍ଯ୍ୟ.ଡ଼. ଏସ.ଇମ୍ମାନୁୟେଲ ଜ୍ଞାନରାଜ, ନିର୍ଦ୍ଦେଶକ, ପ୍ରାର୍ଥନା ନେଟ୍‌ୱାର୍କ

ଖ୍ରୀଷ୍ଟରେ ପ୍ରିୟଗଣ,

ସ୍ୱର୍ଗତ ଏମିଲ ଦେବାସିଂଙ୍କର ଦ୍ୱାରା ଲେଖାଯାଇଥିବା ଏକ ବହୁମୂଲ୍ୟ ଏବଂ ସରଳ ଗୀତ ଏପ୍ରକାର ଅଟେ :

I will accept Jesus
Not the world not men
I will accept Jesus
How would I express my joy
I will follow Jesus… I will share about Jesus …

ହଁ, ପ୍ରଭୁ ଯୀଶୁଙ୍କୁ ସ୍ୱିକାର କରିବା, ତାଙ୍କର ଅନୁସରଣ କରିବା ତଥା ତାଙ୍କର ବିଷୟରେ ଘୋଷଣା କରିବା ଦ୍ୱାରା ଆମ୍ଭେମାନେ ଯେଉଁ ଆନନ୍ଦ ପ୍ରାପ୍ତ ହୋଇଥାଉ ତାକୁ କ'ଣ ଆମ୍ଭେମାନେ ବର୍ଣ୍ଣନା କରିପାରୁ ? ଯେତେବେଳେ ଆମ୍ଭେମାନେ ପ୍ରଭୁ ଯୀଶୁଙ୍କୁ ଗ୍ରହଣ କରୁ ସେତେବେଳେ ଆମ୍ଭେମାନେ ପାପକ୍ଷମାର ସୁନିଶ୍ଚିତତା, ଶାନ୍ତି, ଆନନ୍ଦ ଏବଂ ଉପରୋକ୍ତ ସମସ୍ତ ବିଷୟ ପ୍ରାପ୍ତ ହୋଇଥାଉ ପୁଣି ସବୁଠାରୁ ବଡ଼ ବିଷୟ ହେଲା ଆମ୍ଭେମାନେ ଜନ୍ମାଧିକାର ଲାଭ କରିଥାଉ ଏବଂ ସ୍ୱର୍ଗରାଜ୍ୟର ନାଗରିକ ହୋଇଥାଉ । ପୁଣି ଜନ୍ମାଧିକାର ଏବଂ ନାଗରିକତ୍ୱର ମହତ୍ୱ ଜାଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । କେବଳ ସେତିକି ନୁହେଁ ଯେତେବେଳେ ଆମ୍ଭେମାନେ ପ୍ରଭୁ ଯୀଶୁଙ୍କ ବିଷୟରେ ଘୋଷଣା କରୁ ସେତେବେଳେ ଆମ୍ଭମାନଙ୍କୁ ଅତିଶୟ ଆନନ୍ଦ ମିଳିଥାଏ ଏହାର କାରଣ ଜଣେ ପାପୀର ମନ ପରିବର୍ତ୍ତନରେ ସ୍ୱର୍ଗରେ ମହାଆନନ୍ଦ ହୋଇଥାଏ ।

ଯୀଶୁଙ୍କୁ ଗ୍ରହଣ କରିଥିବା ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ସନ୍ତାନ ହୋଇଥାଏ । ଏହି ସୁସମାଚାରକୁ ଯେଉଁ ବ୍ୟକ୍ତି ଘୋଷଣା କରେ ସେ ପରମେଶ୍ୱରଙ୍କର ଜଣେ ସୈନ୍ୟ ହୋଇଥାଏ । ଆମ୍ଭେମାନେ କ'ଣ ଏହି ବିଷୟରେ ଧ୍ୟାନ ପୂର୍ବକ ବିଚାର କରିବା ?

## ୧ . ଆପଣ କ'ଣ ପରମେଶ୍ୱରଙ୍କ ସନ୍ତାନ ଅଟନ୍ତି ?

**ଜନ୍ମାଧିକାର :** ପଣ୍ଡିତ ଗଙ୍ଗାଧର ତିଲକ ୧୯୮୦ ମସିହାରେ ସ୍ୱରାଜ ଶବ୍ଦର ଉର୍ଚ୍ଚାରଣ କରିଥିଲେ । ଏହା ଭାରତର ସ୍ୱାଧିନତା ଆନ୍ଦୋଳନର ପ୍ରମୁଖ ସ୍ଲୋଗାନ ବା ନାରା ହୋଇଥିଲା । ଆପଣମାନେ ଜାଣନ୍ତି କି ଏହି ଶବ୍ଦ ବା ବାକ୍ୟାଂଶ କେଉଁଠାରୁ ଆସିଥିଲା ? ଏହା ଜନ୍ମାଧିକାର ବା ନାଗତିକତ୍ୱ ଶବ୍ଦରୁ ଆସିଥିଲା ।

ଆମେରିକାର ଭୂମିର ନିୟମାନୁସାରେ ସେହି ଦେଶରେ ଜନ୍ମ ଗ୍ରହଣ କରୁଥିବା ସମସ୍ତ ଶିଶୁମାନଙ୍କୁ ସେମାନଙ୍କର ଜନ୍ମାଧିକାର ଭାବରେ ସେହି ଦେଶର ନାଗରିକତ୍ୱ ପ୍ରଦାନ କରାଯାଇଥାଏ । ମାତ୍ର ଭାରତରେ ବିଦେଶୀ ନାଗରିକ ମାନଙ୍କର ଶିଶୁମାନଙ୍କର ଜନ୍ମ ନିମନ୍ତେ ଦେଶର ଭୂମି ନିୟମାବଳୀରେ କିଛି ପରିବର୍ତ୍ତନ ରଖାଯାଇଅଛି । ଯଦି ଜନ୍ମ ଗ୍ରହଣ କରିଥିବା ଶିଶୁର ଉଭୟ ପିତା ଓ ମାତା ଭରତୀୟ ଅଟନ୍ତି ତେବେ ଜନ୍ମ ହୋଇଥିବା ଶିଶୁର ନାଗରିକତ୍ୱ ତା'ର ପୂର୍ଣ୍ଣ ଜନ୍ମସିଦ୍ଧ ଅଧିକାର ଅଟେ ।

ନାଗରିକତା କହିବାର ଅଧିକାର, କୌଣସି ଅସ୍ତ୍ରଶସ୍ତ୍ର ବିନା ଶାନ୍ତିରେ ଏକତ୍ରିତ ହେବାର ଅଧିକାର ତଥା ସଂଗଠନ ଏବଂ ସଙ୍ଘବଦ୍ଧ ହେବାର ଅଧିକାର ପ୍ରଦାନ କରେ । ଏହା ମଧ୍ୟ ଭାରତ ବର୍ଷର ଯେକୌଣସି ଭାଗରେ ବାସ କରିବା ନିମନ୍ତେ ଅଧିକାର ପ୍ରଦାନ କରିଥାଏ । ଏହି ସଂଶୋଧନ ୧୧୯୫ ଅଧିନିୟମ ୫୭/୧୯୫୫ ଭାବରେ ଡ଼ିସେମ୍ବର ୩୦ ତାରିଖ ଦିନ ପାରିତ ହୋଇଥିଲା । ଭାରତୀୟ ନାଗରିକ ମାନେ ବିଦେଶରେ ପାଉଥିବା ସ୍ୱାଧିନତାକୁ ପାସପୋଟର ପ୍ରଥମ ପୃଷ୍ଠାରେ ଦେଖାଯାଏ ଏବଂ ସେଠାରେ ଉଲ୍ଲେଖ କରାଯାଇଅଛି ଭାରତର ରାଷ୍ଟ୍ରପତିଙ୍କର ତରଫରୁ ଏମାନେ ଭରତର ଗଣତନ୍ତ୍ର ରାଷ୍ଟ୍ରପତିଙ୍କର ନାମରେ ଅନୁରୋଧ ଏବଂ ଆବଶ୍ୟକ କରନ୍ତି । ପାସ୍‌ପୋଟ ଧାରକକୁ ବିନା ବାଧାରେ ମୁକ୍ତ ଭାବରେ ପ୍ରବେଶ କରିବାକୁ ଏବଂ ସେ ଆବଶ୍ୟକ କରୁଥିବା ସମସ୍ତ ସହାୟତା ଏବଂ ସୁରକ୍ଷାକୁ ତାଙ୍କୁ ପ୍ରଦାନ କରିବାକୁ ଅନୁମତି ଦେବା ନିମନ୍ତେ ମଧ୍ୟ ଏହା ଚିନ୍ତା କରିପାରେ । ଏହା ଜଣିବା ସ୍ୱତନ୍ତ୍ର ଅଟେ କାରଣ ଏହି ଅଧିକାର ଏବଂ ସ୍ୱାଧିନତା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସେମାନଙ୍କର ଜନ୍ମାଧିକାର ଭାବରେ ଦିଆଯାଏ ।

**ସ୍ୱର୍ଗର ନାଗରିକ :** ଏହି ଜଗତରେ ସ୍ୱାଧିନତା ଏବଂ ଜନ୍ମାଧିକାର କେବଳ ନାଗରିକତ୍ୱ ମାଧ୍ୟମରେ ଆସିଥାଏ । ଯେତେବେଳେ ମନୁଷ୍ୟକୁ ନିଜର ମୃତ୍ୟୁ ପରେ ଅନ୍ୟ ଜଗତକୁ ଆର୍ଥାତ ପରମେଶ୍ୱରଙ୍କ ରାଜ୍ୟକୁ ପ୍ରବେଶ କରିବା ଆବଶ୍ୟକ ହୋଇଥାଏ ତେବେ ତାକୁ ଆଉ ଏକ ଅନ୍ୟ ଜନ୍ମ ମାଧ୍ୟମରେ ତାହାର ନାଗରିକତା ମିଳିଥାଏ । ସେହି ବିଷୟକୁ ପ୍ରଭୁ ଯୀଶୁ ଯିହୂଦୀ ନେତା ନିକଦୀମଙ୍କୁ ଯୋହନ ୩:୧-୨୧ ପଦରେ ବର୍ଣ୍ଣନା କରିଅଛନ୍ତି । ପ୍ରଭୁ ଯୀଶୁ ନୀକଦୀମଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ପୁନର୍ବାର ଜନ୍ମ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖି ପାରେ ନାହିଁ" । ନୀକଦୀମ ଯୀଶୁଙ୍କୁ ପଚାରିଲେ, ବୃଦ୍ଧ ହେଲେ ମନୁଷ୍ୟ କି ପ୍ରକାର ଜନ୍ମ ହୋଇପାରେ ? ସେ କଅଣ ଦ୍ୱିତୀୟ ଥର ଆପଣା ମାତାର ଗର୍ଭରେ ପ୍ରବେଶ କରି ଜନ୍ମ ହୋଇପାରେ ? ପ୍ରଭୁ ଯୀଶୁ ୫ ଏବଂ ୬ ପଦରେ ବର୍ଣ୍ଣନା କରିଅଛନ୍ତି ଏହା ଯଥେଷ୍ଟ ନୁହେଁ ଜଣେ ବ୍ୟକ୍ତି ଶାରିରୀକ ଭାବରେ ଜନ୍ମ ହେଉ ମାତ୍ର ଆଧାତ୍ମିକ ଭାବରେ ମଧ୍ୟ ଜନ୍ମ ହେଉ । ତାହାର ଆଭ୍ୟନ୍ତରିଣ ମାନବ ଜନ୍ମ ଗ୍ରହଣ କରିବା ଆବଶ୍ୟକ ଅଟେ ।

ସମଗ୍ର ଜଗତର ପାପର ପ୍ରାୟଶ୍ଚିତ ନିମନ୍ତେ କ୍ରୁଶ ଉପରେ ନିଜକୁ ବଳୀ ସ୍ୱରୂପେ ଉତ୍ସର୍ଗ କରିଥିବା ପରମେଶ୍ୱରଙ୍କ ପୁତ୍ରଙ୍କୁ ଆମ୍ଭେମାନେ ଯେତେବେଳେ ବିଶ୍ୱାସ କରୁ ସେତେବେଳେ ଆମ୍ଭେମାନେ ଆତ୍ମାରେ ପୁନଜନ୍ମ ପ୍ରାପ୍ତ ହୋଇଥାଉ ବୋଲି ପ୍ରଭୁ ଯୀଶୁ ଉତ୍ତର ଦେଇଥିଲେ (ଯୋହନ ୩:୧୬) । ଏହାକୁ ଆହୁରି ଅଧିକ ଜାଣିବା ନିମନ୍ତେ ଆମ୍ଭେମାନେ ଯୋହନ ୧:୧୨ ପଦ ପାଠ କରିବା ଏକାନ୍ତ ଆବଶ୍ୟକ ଅଟେ । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ । ଏହା ସ୍ୱର୍ଗୀୟ ପାସପୋର୍ଟ ବା ନାଗରିକତା ଅଟେ ଏବଂ ଆମ୍ଭେମାନେ ଯେତେବେଳେ ପୁନଃଜନ୍ମ ଲାଭ କରୁ ସେତେବେଳେ ଆମ୍ଭେମାନେ ଏହି ପାସପୋଟ ଓ ନାଗରିକତା ଲାଭ କରିଥାଉ । ଯେଉଁମାନେ ଏହା ପ୍ରାପ୍ତ ହୋଇଅଛନ୍ତି ସେମାନେ ମୃତ୍ୟୁ ଦଣ୍ଡ ଏବଂ ନର୍କ ପାଇଁ ଆଦୌ ଭୟଭୀତ ହେବା ଆବଶ୍ୟକ ନୁହେଁ । କାରଣ ଯୋହନ ୫:୨୪ ପଦରେ ପ୍ରଭୁ ଯୀଶୁ କହନ୍ତି ଯେଉଁମାନେ ପ୍ରଭୁ ଯୀଶୁଙ୍କୁ ଗ୍ରହଣ କରିଅଛନ୍ତି ସେମାନେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛନ୍ତି । "ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ମୋହର ବାକ୍ୟ ଶୁଣି ମୋହର ପ୍ରେରଣ କର୍ତ୍ତାଙ୍କୁ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ପୁଣି, ସେ ବିଚାରିତ ନ ହୋଇ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି" (ଯୋହନ ୫:୨୪) । ଆପଣ କ'ଣ ପରମେଶ୍ୱରଙ୍କ ସନ୍ତାନ ହେବାର ନାଗରିକତାକୁ ପ୍ରାପ୍ତ ହୋଇଅଛନ୍ତି ? ଆପଣ କ'ଣ ଏହାର ଆନନ୍ଦ ଲାଭ କରିଅଛନ୍ତି ?

**୨. ଆପଣ କ'ଣ ପରମେଶ୍ୱରଙ୍କ ସୈନ୍ୟ :**

ପରମେଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ମାନଙ୍କର ଦୁଇ ଗୋଟି ପାର୍ଶ୍ୱ ରହିଅଛି । ଗୋଟିଏ ଅଧିକାର ଏବଂ ଅନ୍ୟଟି ଦାୟିତ୍ୱ ଅଟେ । ପରମେଶ୍ୱରଙ୍କର ପ୍ରତ୍ୟେକ ସନ୍ତାନ ମାନଙ୍କୁ ପରମେଶ୍ୱରଙ୍କ ସନ୍ତାନ ହେବାର ଅଧିକାର ରହିଅଛି ଏବଂ ତାହା ସହିତ ସେମାନଙ୍କର କର୍ତ୍ତବ୍ୟ ମଧ୍ୟ ରହିଅଛି । ତାହା କ'ଣ ଅଟେ ? ମାଥିଉ ୨୧:୨୮-୩୦ ପାଠ କରନ୍ତୁ । ପିତା କହିଲେ ପୁଅ, ଯା, ଆଜି ଦ୍ରାକ୍ଷାକ୍ଷେତ୍ରରେ କାମ କରେ" । ଏହା ପୁଅର କର୍ତ୍ତବ୍ୟ ଯେ ସେ ଆଗେଇ ଆସି କାର୍ଯ୍ୟ କରିବା ଆବଶ୍ୟକ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଜ୍ଞା ହେଉଛି, "ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର" (ମାର୍କ ୧୬:୧୫) । ପରମେଶ୍ୱରଙ୍କ ସନ୍ତାନ ଭାବରେ ଆମ୍ଭମାନଙ୍କର ଦାୟିତ୍ୱ ତାଙ୍କର ରାଜ୍ୟ ସ୍ଥାପନ କରିବା ଅଟେ । ପ୍ରେରିତ ପାଉଲ କହିଲେ ସୁସମାଚାର ଘୋଷଣା କରିବା ତାଙ୍କର ଦାୟିତ୍ୱ ଅଟେ ଏବଂ ଯଦି ସେ ସୁସମାଚାର ଘୋଷଣା ନ କରନ୍ତି ତେବେ ସେ ଦଣ୍ଡର ପାତ୍ର (୧କରିନ୍ଥୀୟ ୯:୧୬) ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି, ମୋ ନିକଟରୁ ଶିଖ, କାରଣ, ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ (ମାଥିଉ ୧୧:୨୮-୨୯) ।

ଯେତେବେଳେ ଆମ୍ଭେମାନେ ପ୍ରଭୁ ଯୀଶୁଙ୍କର ଚରଣ ତଳେ ନିଜର ପାପର ବୋଝ ଥୋଇ ଦେଉ ସେତେବେଳେ ଆମ୍ଭେମାନେ ବିଶ୍ରାମ ପ୍ରାପ୍ତ ହୋଇଥାଉ । ଯଦି ଆମ୍ଭେମାନେ ନିଜର ପାପ ନିଜର ସ୍କନ୍ଧରେ ବହନ କରୁ ତେବେ ତାହା ଆମ୍ଭମାନଙ୍କୁ ଆଭ୍ୟନ୍ତରିଣ ମାନବକୁ ଶାନ୍ତି ବା ବିଶ୍ରାମ ପ୍ରଦାନ କରି ନଥାଏ । ମାତ୍ର ଆମ୍ଭେମାନେ ସେତେବେଳେ ଶାନ୍ତି ଓ ଆନନ୍ଦ ଲାଭ କରିଥାଉ ଯେତେବେଳେ ଆମ୍ଭେମାନେ ଅନନ୍ତ କାଳ ପର୍ଯ୍ୟନ୍ତ ଜୀବନ ଅତିବାହିତ କରିବା ବୋଲି ସୁନିଶ୍ଚିତ ହୋଇଥାଉ । "ମୁଁ ତୁମ୍ଭମାନଙ୍କୁ କହୁଅଛି, ସେହି ପ୍ରକାରେ ଯେଉଁମାନଙ୍କର ମନପରିବର୍ତ୍ତନ କରିବାର ଆବଶ୍ୟକ ନାହିଁ, ଏପରି ଅନେଶ୍ୱତ ଧାର୍ମିକ ଲୋକମାନଙ୍କର ଅପେକ୍ଷା, ଯେ ମନପରିବର୍ତ୍ତନ କରେ, ଏପରି ଜଣେ ପାପୀର ନିମନ୍ତେ ସ୍ୱର୍ଗରେ ଅଧିକ ଆନନ୍ଦ ହେବ ତେବେ ଆପଣ କେତେ ଯେ ଅଧିକ ଆନନ୍ଦିତ ନ ହେବେ ଯେତେବେଳେ ଆପଣ ସିଧାସଳଖ ଭାବରେ ଏଥିରେ ଅନ୍ତର୍ଭୂକ୍ତ ଅଟନ୍ତି ।

ପରମେଶ୍ୱରଙ୍କ ଜଣେ ସନ୍ତାନ ଭାବରେ ଆମ୍ଭମାନଙ୍କର କର୍ତ୍ତବ୍ୟ କେବଳ ତାଙ୍କର ଦ୍ୱାରା ପ୍ରଦତ୍ତ ଆଶିର୍ବାଦକୁ ଅନୁଭବ କରିବା ତାହା ନୁହେଁ ମାତ୍ର ଶୟତାନର ବିରୁଦ୍ଧରେ ମଧ୍ୟ ଯୁଦ୍ଧ କରିବା ଅଟେ । ବର୍ତ୍ତମାନର ଜଗତ୍‌ପତି ଲୋକମାନଙ୍କର ଜ୍ଞାନ ଚକ୍ଷୁକୁ ଅନ୍ଧ କରି ଦେଇଅଛି (୨କରିନ୍ଥୀୟ ୪:୪) । ସେମାନଙ୍କୁ ଅନ୍ଧକାରରୁ ଅଲୋକ ମଧ୍ୟକୁ ତଥା ଶୟତାନର ସମସ୍ତ ଶକ୍ତିରୁ ପରମେଶ୍ୱରଙ୍କ ନିକଟକୁ ନେଇ ଆସିବା ପାଇଁ ଆମ୍ଭମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଅଛି । (ପ୍ରେରିତ ୨୬:୧୮) । ଆମ୍ଭମାନଙ୍କର ଶତ୍ରୁ ଶୟତାନ କାହାକୁ ନା କାହାକୁ ଗ୍ରାସ କରିବା ନିମନ୍ତେ ସିଂହ ତୁଲ୍ୟ ଗର୍ଜନ କରୁଅଛି (୧ପିତର ୫:୮) । ଆମ୍ଭେମାନେ ଶୟତାନର ବିରୁଦ୍ଧରେ ଶକ୍ତି ପ୍ରଦର୍ଶନ କରିବା ଆବଶ୍ୟକ ଅଟେ ।

ଆମର ଚତୁଃ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ଅନ୍ଧକାର ମଧ୍ୟରେ ବାସ କରୁଅଛନ୍ତି । ସେମାନେ ଦକ୍ଷିଣ ଓ ବାମ ହସ୍ତର ପ୍ରଭେଦ ବିଷୟରେ ଆଦୌ ସଚେତନ ନୁହଁନ୍ତି ଏବଂ ପାପମୟ ଜୀବନ ଅତିବାହିତ କରୁଅଛନ୍ତି । ସେମାନଙ୍କର ନିକଟରେ ପାପକ୍ଷମାର ସୁସମାଚାର ଘୋଷଣା କରି ସେମାନଙ୍କୁ ପବିତ୍ରତାର ଜୀବନ ପ୍ରତି ପଥ ପ୍ରଦର୍ଶନ କରିବା କ'ଣ ଆମ୍ଭମାନଙ୍କର ଦାୟିତ୍ୱ ନୁହେଁ ? ତେଣୁ ପରମେଶ୍ୱରଙ୍କ ସମସ୍ତ ସଜ୍ଜା ପରିଧାନ କରି ଶୟତାନ ବିରୁଦ୍ଧରେ ଛିଡ଼ା ହୁଅନ୍ତୁ (ଏଫିସୀୟ ୬:୧୧-୧୮) ।

ପରମେଶ୍ୱରଙ୍କର ଜଣେ ଯୋଦ୍ଧା ଭାବରେ ଆପଣ କ'ଣ ଅନୁଭବ କରୁଅଛନ୍ତି ? ଆପଣ କ'ଣ ସେହି ଆଶିର୍ବାଦକୁ ଅନୁଭବ କରିଅଛନ୍ତି ।


ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ସୁସମାଚାର ନିମନ୍ତେ ହୃଦୟ ପରିବର୍ତ୍ତନ ଓ ଦ୍ୱାର ଉନ୍ମୁକ୍ତ ହୋଇଅଛି । କାର୍ଯ୍ୟକ୍ଷେତ୍ରର ପ୍ରଥମ ପିଢ଼ୀର ବିଶ୍ୱାସୀ ଏବଂ ସୁସମାଚାର କାର୍ଯ୍ୟ ନିମନ୍ତେ ଆର୍ଥିକ ସହଯୋଗ କରୁଥିବା ପୃଷ୍ଠପୋଷକ ମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପ୍ରାପ୍ତ ହୋଇଅଛି । ଶସ୍ୟ କ୍ଷେତ୍ରର କର୍ତ୍ତାଙ୍କର ଗୌରବ କରନ୍ତୁ ।

**ଏକ ଲକ୍ଷ ଗ୍ରାମକୁ କାର୍ଯ୍ୟକାରୀମାନେ ନ ପହଞ୍ଚିବା ପର୍ଯ୍ୟନ୍ତ ତଥା ସ୍ୱର୍ଗ ରାଜ୍ୟର ସୁସମାଚାର ଘୋଷଣା ନ କରିବା ପର୍ଯ୍ୟନ୍ତ ପରମେଶ୍ୱରଙ୍କ ସନ୍ତାନସନ୍ତତି ମାନେ ଏକତ୍ର ହୁଅନ୍ତୁ ।**



01 SATNAMI YOUTH CAMP, TILAI, CHHATTISGARH – 15-17, MAY 2024


02 KURUKH BELIEVERS MELA, DANGBUDA, CHHATTISGARH – 17-18, MAY 2024


03 WEST TAMILNADU STATE MEET 2024, COIMBATORE – 18-19, MAY 2024


04 TELANGANA STATE MEET 2024, TIRUVALLA – 20-22, MAY 2024

ସେବାକାର୍ଯ୍ୟର ଦର୍ଶନ ସମ୍ୱନ୍ଧୀୟ ବୀଜ ରାଜ୍ୟ ସ୍ତରୀୟ ବିଶ୍ୱାସୀ ସମାବେଶ, ଲୋକଦଳର ମେଳା, ଆତ୍ମାଲାଭ ପାଇଁ ଯୁବବନ୍ଧୁ ମାନଙ୍କର ତାଲିମ ଓ ଏଜ୍ରା କ୍ୟାମ୍ପ ମାଧ୍ୟମରେ ବପନ କରାଯାଇଅଛି । ଏହି ବୀଜ ଯେପରି ୩୦,୬୦ ଏବଂ ୧୦୦ ଗୁଣ ଫଳ ଧାରଣ କରିବ ସେଥିପାଇଁ ପ୍ରାର୍ଥନା କରନ୍ତୁ ।


05 ANDHRA PRADESH STATE MEET 2024, TIRUVALLA – 23-25, MAY 2024


06 JHARKHAND – CHHATTISGARH STATE MEET 2024, SILIGURI – 23-25, MAY 2024



07 EZRA CAMP, BALANGIR, ODISHA – 29.05.2024


08 ORAON BELIEVERS MELA, NAWATOLI, JHARKHAND – 05-07 JUNE 2024

> "ମାତ୍ର **ପରମେଶ୍ୱର** ବୃଦ୍ଧି ସାଧନ କରନ୍ତି"
>
> ୧ କରିନ୍ଥୀୟ ୩:୭

*୨୦୦୯ ମସିହା ଜୁନ୍ ମାସରରେ ଏମିଲ ଜେବାସିଂଙ୍କ ଦ୍ୱାରା ଲିଖିତ ପ୍ରଚ୍ଛଦପଟ୍ଟ ବୃତ୍ତାନ୍ତର ପୂନଃପ୍ରକାଶନ*

# ସୁସମାଚାର

## ଯଦି ଆମ୍ଭେମାନେ ଗ୍ରହଣ କରୁ - ଆମ୍ଭେମାନେ ପରମେଶ୍ୱରଙ୍କ ଲୋକ ଅଟୁ ! ଯଦି ଆମ୍ଭେମାନେ ଘୋଷଣା କରୁ - ଆମ୍ଭେମାନେ ପରମେଶ୍ୱରଙ୍କ ସୈନ୍ୟ ଅଟୁ !

ପ୍ରିୟଗଣ,

ପୃଥିବୀର ପ୍ରତ୍ୟେକ ଦେଶରେ ତଥା ଆମ୍ଭମାନଙ୍କର ଦେଶ ଭାରତ ବର୍ଷର ପ୍ରତ୍ୟେକ କୋଣ ଓ ଅନୁକୋଣରେ 'ସୁସମାଚାର ରଥ' ପରିଭ୍ରମଣ କରୁଅଛି ।

ଯେଉଁମାନେ ସୁସମାଚାରର ଅଭିଳାଷୀ ଅଟନ୍ତି, ସେମାନଙ୍କ ନିମନ୍ତେ ଏହି ସୁସମାଚାର ରୂପକ ରଥରେ ଏକ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତ କରାଯାଇଅଛି ।

ଯେଉଁମାନେ ଏହି ସୁସମାଚାର ରୂପକ କୋଠରୀକୁ ନିମନ୍ତ୍ରିତ ହୁଅନ୍ତି, ସେମାନଙ୍କ ନିକଟରେ ଏକ ବିରାଟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ ।

ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ବୟସର ସୀମା ଗୁରୁତ୍ୱ ନୁହେଁ ।

ଏହି କୋଠରୀରେ ପ୍ରବେଶ ନିମନ୍ତେ ନାମ ପଞ୍ଜିକରଣ ବା ପ୍ରବେଶିକା ମୂଲ୍ୟ ଦେବା ପାଇଁ ପଡ଼ିନଥାଏ ।

ଯେଉଁମାନେ ସୁସମାଚାରକୁ ଆଗ୍ରହର ସହିତ ଗ୍ରହଣ କରନ୍ତି, ସେମାନଙ୍କର ହୃଦୟ ପରିବର୍ତ୍ତନ ହୋଇଥାଏ ।

ସେମାନଙ୍କର ବେଶଭୂଷା ପରିବର୍ତ୍ତନ ହୋଇଥାଏ, ସେମାନଙ୍କର ଶରୀର ପବିତ୍ର ଆତ୍ମାଙ୍କର ମନ୍ଦିର ହୋଇଥାଏ ।

ରାଜାମାନଙ୍କର ରାଜା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପାଖରେ ବସିବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହୋଇ ଥାଆନ୍ତି ।

ସେମାନଙ୍କ ମୁଖରେ ନୂତନ ସଂଗୀତ ବାଜି ଉଠେ, ସେମାନେ ସର୍ବଦା ଯୀଶୁଖ୍ରୀଷ୍ଟଙ୍କୁ ଧ୍ୟାନ କରନ୍ତି ସେମାନେ ଈଶ୍ୱରଙ୍କର ମନୋନୀତ ଲୋକରୂପେ ଗଣିତ ହୁଅନ୍ତି ।

ଯେଉଁମାନେ ସୁସମାଚାର ରୂପ ରଥରେ ଆରୋହଣ କରିଅଛନ୍ତି ।

ସେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କର ସୁସମାଚାର ଘୋଷଣା କରନ୍ତି,

କେବଳ ଈଶ୍ୱରଙ୍କ ସନ୍ତାନମାନେ ସୁସମାଚାର ରୂପ ରଥରେ ବସିବା ନିମନ୍ତେ ସୁଯୋଗ ପାଇ ଥାଆନ୍ତି ।

ଯେତେବେଳେ 'ସୁସମାଚାର ରୂପ ରଥ' ପୃଥିବୀର କୋଣ ଅନୁକୋଣରେ ଭ୍ରମଣ କରେ, ସେତେବେଳେ ଜଗତର ତୃଷିତ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ନିମନ୍ତେ ଆମନ୍ତ୍ରଣ କରିଥାଏ । 'ସୁସମାଚାର ରୂପ ରଥ' ଆରୋହଣ କରିବା ନିମନ୍ତେ ଅର୍ଥର ଆବଶ୍ୟକତା ପଡ଼େନାହିଁ, କେବଳ ମନର ଆବଶ୍ୟକତା ଅଟେ । ଯଦି ଆପଣମାନେ ଏହି ସୁସମାଚାର ରୂପ ରଥରେ ଆରୋହଣ କରନ୍ତି, ତେବେ ଆପଣ ମାନଙ୍କର ଆତ୍ମା ବିନଷ୍ଟ ହେବନାହିଁ ।

ସଦାପ୍ରଭୁ ରାଜା ଦାଉଦଙ୍କୁ ଦେଇଥିବା ସମସ୍ତ ପ୍ରତିଜ୍ଞା ଆପଣମାନଙ୍କ ଜୀବନରେ ସାଧିତ ହେବ । ସଦାପ୍ରଭୁଙ୍କର ସୈନିକମାନେ ଦିବସ କିଅବା ରାତ୍ରି ବିଷୟରେ ପର୍ଯ୍ୟାଲୋଚନା ନକରି ପୃଥିବୀର ତୃଷିତ ଲୋକମାନଙ୍କୁ ଅନନ୍ତ ଜୀବନ ଜଳ ନିକଟକୁ ଆସିବା ନିମନ୍ତେ ଆହ୍ୱାନ କରିଥାଆନ୍ତ । ଆମ୍ଭମାନଙ୍କର ଦୃଷ୍ଟିଗୋଚରରେ ଥିବା ସମସ୍ତ ସମସ୍ୟା ୫ ଗୋଟି ଇନ୍ଦ୍ରିୟ ଦ୍ୱାରା ସୃଷ୍ଟି ହୋଇଥାଏ । ଏହି ୫ ଗୋଟି ଇନ୍ଦ୍ରିୟ ଦ୍ୱାରା ସୃଷ୍ଟି ହେଉଥିବା ଆତ୍ମିକ କ୍ଷତ ଗୁଡ଼ିକୁ ମନୁଷ୍ୟ ଯେତେବେଳ ପର୍ଯ୍ୟନ୍ତ ଦେଖେ, ସେତେବେଳ ପର୍ଯ୍ୟନ୍ତ କେବଳ ସମସ୍ତ ସମସ୍ୟା ଗୁଡ଼ିକର ସେ ସମ୍ମୁଖିନ ହୋଇଥାଏ । ଏହାର କାରଣ କ'ଣ ?

ମନୁଷ୍ୟର ସମସ୍ତ ପାପ ହେଉଛି ଏହାର କାରଣ ।

ପାପର ସମସ୍ୟା ଗୁଡ଼ିକର ସମାଧାନର ଉପାୟ ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ପାଏନାହିଁ, ସେତେବେଳ ପର୍ଯ୍ୟନ୍ତ ସେ ବାଧାବିଘ୍ନ ମଧ୍ୟଦେଇ ଗତିକରିଥାଏ ।

ଏହାର ସୁଚନା ହେଲା, 'ଅପରାଧରେ ମୁଁ ନିର୍ମିତ ହେଲି ଓ ପାପରେ ମୋ ମାତା ମୋତେ ଗର୍ଭରେ ଧାରଣ କଲା' (ଗୀତ ୫୧:୫)

ଏହି ବିଷୟ ପବିତ୍ର ବାଇବଲରେ ୩୧,୧୦୨ଟି ପଦରେ ସ୍ପଷ୍ଟ ରୂପେ ସୁଚାଇ ଦିଆଯାଇଅଛି ।

'ଯେବେ ସେମାନେ ତୁମ୍ଭ ବିରୁଦ୍ଧରେ ପାପ କରନ୍ତି, କାରଣ ଯେ ପାପ ନ କରେ, ଏପରି କୌଣସି ମନୁଷ୍ୟ ନାହିଁ' (ପ୍ରଥମ ରାଜାବଳୀ ୮:୪୬) ।

ଏହି ବିଷୟ ପବିତ୍ର ବାଇବଲରେ ୧,୧୮୯ଟି ଅଧ୍ୟାୟରେ ଉଲ୍ଲେଖିତ କରାଯାଇଅଛି ।

ଯେତେବେଳେ ମନୁଷ୍ୟ ଯୀଶୁଖ୍ରୀଷ୍ଟ କିଏ ବୋଲି ହୃଦୟଙ୍ଗମ କରିଥାଏ, ସେତେବେଳେ ସେ ସୁସମାଚାର ରୂପ ରଥରେ ଆରୋହଣ କରି ସୁସମାଚାର ଘୋଷଣା କରିଥାଏ ।

ସୁସମାଚାର ରୂପ ରଥରେ କିଏ ଆରୋହଣ କରେ ?

ଖ୍ରୀଷ୍ଟଙ୍କୁ ଅସ୍ୱିକାର କରିଥିବା ମହାଯାଜକ ତୁଲ୍ୟ ମନୁଷ୍ୟ ଆରୋହଣ କରିପାରେ ନାହିଁ ।

ଯୀଶୁଖ୍ରୀଷ୍ଟଙ୍କୁ ପ୍ରଶ୍ନ କରିଥିବା ପିଲାତଙ୍କ ପରି ମନୁଷ୍ୟ ସୁସମାଚାର ରୂପ ରଥରେ ଆରୋହଣ କରିପାରେ ନାହିଁ ।

ଇଷ୍କାରିୟୋଥ ଯିହୁଦାଙ୍କ ପରି ଖ୍ରୀଷ୍ଟଙ୍କୁ ପ୍ରତାରଣା କରିଥିବା ବ୍ୟକ୍ତିମାନେ ସୁସମାଚାର ରୂପ ରଥରେ ଆରୋହଣ କରିପାନ୍ତି ନାହିଁ ।

କିନ୍ତୁ ଯେତେବେଳେ ମନୁଷ୍ୟ ନିଜକୁ ପାପୀ ବୋଲି ଜ୍ଞାତ ହୋଇ ଅନୁତାପ କରେ ଓ ନିଜ ପାପ ପଥରୁ ଫେରି ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରେ, ସେତେବେଳେ ସେ ସୁସମାଚାର ରୂପ ରଥରେ ଆରୋହଣ କରିଥାଏ ଓ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାଏ ।

ପୃଥିବୀର କେତେ ଲୋକ ଜଗତର ସୈନିକ ଓ କେତେଲୋକ ଈଶ୍ୱରଙ୍କ ସୈନିକ, କେତେ ଲୋକ ପାପୀ ଓ କେତେ ଲୋକ ଈଶ୍ୱରଙ୍କ ସନ୍ତାନ, ତାହାର ସଠିକ ଗଣନା କୌଣସି ଅନୁଷ୍ଠାନ କରିପାରିବ ନାହିଁ । ଯଦି ତାହା ଗଣନା କରାଯାଏ, ତେବେ ତାହା ନିର୍ବୋଧର ବିଷୟ ଅଟେ ।

ଯିଏ ନିଜର ଆଜ୍ଞା ମାତ୍ରକେ ପୃଥିବୀକୁ ସୃଷ୍ଟିକଲେ, ଯିଏ ସମୁଦ୍ରର ତରଙ୍ଗକୁ ସୀମା ନ ଲଙ୍ଘିବା ନିମନ୍ତେ ଆଦେଶ ଦେଇଥିଲେ, କେବଳ ତାଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ଭବ ପର ଅଟେ ।

ଜଗତ ନିମନ୍ତେ ସ୍ୱଚ୍ଛ, ପରିଷ୍କାର ପୋଷାକ ଆବଶ୍ୟକ ଅଟେ ।

କିନ୍ତୁ ଧାର୍ମିକତା ରୂପ ବସ୍ତ୍ର ସ୍ୱର୍ଗ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ତୃଣ ଆଜି ଭୂମିରୁ ଉତ୍ପନ୍ନ ହୁଏ ଓ ଆସନ୍ତା କାଲି ତାହା ସୁଖି ଯାଏ, କାରଣ ତାହାର ସୃଷ୍ଟିକର୍ତ୍ତା ଗୋଟିଏ ଦିନ ନିମନ୍ତେ ତାହା ସୃଷ୍ଟି କରିଅଛନ୍ତି, ତୃଣ ମଧ୍ୟ ନିଜ ସୃଷ୍ଟି କର୍ତ୍ତାଙ୍କର ଆଦେଶ ନମ୍ର ସହକାରେ ପାଳନ କରେ ।

ନମ୍ରତା ଓ ଅନୁତାପ ଅଜ୍ଞାତସାରରେ ବା ଆତର୍କିତ ରୂପେ ମନୁଷ୍ୟ ଜୀବନରେ ପରିଲକ୍ଷିତ ହୋଇଥାଏ, ଯେତେବେଳେ ମନୁଷ୍ୟ ଅନୁତାପ କରି ନମ୍ରତାର ସହିତ ଖ୍ରୀଷ୍ଟଙ୍କ ସୁସମାଚାର ଗ୍ରହଣ କରେ, ସେତେବେଳେ ସ୍ୱର୍ଗରେ ଆନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଥାଏ । ସେତେବେଳେ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନ ହେବାର ଅଧିକାର ପାଇଥାଏ ।

ଆଦି ପୁସ୍ତକ ୨:୧୯ ପଦ ଅନୁସାରେ ଆଦମ ପାପ ରୂପ ବିଷ ଗରଳରେ ଗ୍ରାସିତ ହେବା ପୂର୍ବରୁ ବହୁତ ବୁଦ୍ଧିମାନ ଓ ଚତୁର ଥିଲେ ।

ବିଲର ସମସ୍ତ ପଶୁଗଣ ଓ ଖେଚର ପକ୍ଷୀଗଣଙ୍କର ନାମ ଆଦମ ଦେଇଥିଲେ । ଆଦମଙ୍କ ଦ୍ୱାରା ପ୍ରଦତ୍ତ ନାମ ସମୂହକୁ

ସଦାପ୍ରଭୁ ସ୍ୱୀକୃତି ପ୍ରଦାନ କରିଥିଲେ ।
ଆଦମଙ୍କ ଦ୍ୱାରା ପ୍ରଦତ୍ତ ନାମକୁ ସଦାପ୍ରଭୁ ପରିବର୍ତ୍ତନ କରିନଥିଲେ ।
ଆଦମଙ୍କ ଦ୍ୱାରା ପ୍ରଦତ୍ତ  ନାମ ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି ।
ସେହି ସମୟରେ ଆଦମଙ୍କ ପାଖରେ କୌଣସି କମ୍ପ୍ୟୁଟର ନଥିଲା ।
କିନ୍ତୁ ଆଦମଙ୍କର ହୃଦୟ ପାପ ରୂପ ଗରଳରେ ଗ୍ରାସିତ ହେବା ପୂର୍ବରୁ ସେ ସଦାପ୍ରଭୁଙ୍କର ସହିତ ଗମନାଗମନ କରୁଥିଲେ ।
ଆଦମଙ୍କର ଜ୍ଞାନ ଓ ସ୍ମରଣଶକ୍ତି ଶକ୍ତିଶାଳୀ କମ୍ପ୍ୟୁଟର ଠାରୁ ମଧ୍ୟ ଅଧିକ ଥିଲା । ସେହିପରି ଆଦମଙ୍କର ଶରୀରିକ ଦକ୍ଷତା କିପରି ଥିଲା ?
ଜଣେ କୃଷକ ହିସାବରେ ଆଦମ ଏଦନ ଉଦ୍ୟାନର ଯତ୍ନତତ୍ତ୍ୱ ନେଉଥିଲେ । ଯେତେ ପର୍ଯ୍ୟନ୍ତ ସଦାପ୍ରଭୁ ଆଦମଙ୍କର ତତ୍ତ୍ୱାବଧାରକ ଥିଲେ, ସେତେବେଳ ପର୍ଯ୍ୟନ୍ତ ଆଦମ ପୂର୍ଣ୍ଣ ଦକ୍ଷତାର ସହିତ କାର୍ଯ୍ୟ କରୁଥିଲେ । ୧୦୦ଟି ଟ୍ରାକ୍ଟରର ଦକ୍ଷତା ତାଙ୍କ ପାଖରେ ଥିଲା ।
ଏହା ତାଙ୍କର ନିଜସ୍ୱ ଶକ୍ତିନଥିଲା, ଏହା ଈଶ୍ୱରଙ୍କର ଶକ୍ତି ଥିଲା । କିନ୍ତୁ, ଯେଉଁଦିନ ପାପର ଗରଳ ଦ୍ୱାରା ଆଦମ ଆକ୍ରାନ୍ତ ହେଲେ,
ସେତେବେଳେ ସିଏ ପଙ୍ଗୁ ହୋଇ ଯାଇଥିଲେ ।
ସେତେବେଳେ ଭୟ ଓ ଲଜ୍ୟା ତାଙ୍କୁ ଗ୍ରାସ କରିଥିଲା,
ସେ ନିଜକୁ ପତ୍ର ଦ୍ୱାରା ଆଚ୍ଛାଦିତ କରି ବୃକ୍ଷର ଉହାଡ଼ରେ ଲୁଚିବା ନିମନ୍ତେ ଚେଷ୍ଟା କରିଥିଲେ ।
କିନ୍ତୁ ସେ ନିଜକୁ ଲଜ୍ୟା ଓ ଭୟରୁ ଲୁଚାଇ ପାରନଥିଲେ ।
ଯେତେବେଳେ ଯୀଶୁଖ୍ରୀଷ୍ଟ ସମଗ୍ର ମାନବଜାତି ନିମନ୍ତେ କୃଶ ଉପରେ ମୃତ୍ୟୁବରଣ କଲେ ସେତେବେଳେ ଏହି ଲଜ୍ୟା ଓ ଭୟ ଦୂରୀଭୁତ ହୋଇଥିଲା ।
'କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମକଲେ ଯେ,  ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ' (ଯୋହନ ୩:୧୬) । ଯେଉଁ ବ୍ୟକ୍ତି ଈଶ୍ୱରଙ୍କର ପ୍ରେମ ଓ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ବଳିଦାନକୁ ବୁଝେ ଓ ବିଶ୍ୱାସ କରେ, ସେ କଦାପି ବିନଷ୍ଟ ହେବନାହିଁ ।
ଏହାର ପ୍ରକୃତ ଅର୍ଥ ହେଉଛି 'ସେ କଦାପି ମରିବ ନାହିଁ ।
କାହିଁକି ? – କାରଣ ସେ ଈଶ୍ୱରଙ୍କର ସନ୍ତାନ ଅଟେ ।
କିପରି ? – ବିଶ୍ୱାସ ଦ୍ୱାରା
କାହାଠାରେ ? – ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଠାରେ ।
ବିଶ୍ୱାସ ଦ୍ୱାରା ମନୁଷ୍ୟ ନିଶ୍ୱାସ ପ୍ରଶ୍ୱାସ ନେଇପାରେ ?
ଏହି ନିଶ୍ୱାସ ପ୍ରଶ୍ୱାସର ଅର୍ଥ କ'ଣ ?
ଏହି ନିଶ୍ୱାସ ପ୍ରଶ୍ୱାସର ଅର୍ଥ ସୁସମାଚାର ପ୍ରଚାର କାର୍ଯ୍ୟ !
ବାସ୍ତବରେ ସେ ସଦାପ୍ରଭୁଙ୍କର ଜଣେ ସୈନିକ ଅଟେ କି ?
ସୁସମାଚାର କେତେ ଶକ୍ତିଶାଳୀ ତାହା ଚିନ୍ତା କରନ୍ତୁ ।
ଏହା ମନୁଷ୍ୟକୁ ପାପ ପଥରୁ ଉଦ୍ଧାର କରି ଈଶ୍ୱରଙ୍କ ସନ୍ତାନ ହେବାର କ୍ଷମତା ପ୍ରଦାନ କରିଥାଏ । ଈଶ୍ୱରଙ୍କ

ଲୋକମାନଙ୍କୁ ଜୀବନ ଧାରଣ କରିବା ନିମନ୍ତେ ସୁସମାଚାର ସାହାର୍ଯ୍ୟ ପ୍ରଦାନ କରିଥାଏ ଓ ଈଶ୍ୱରଙ୍କର ସୈନିକ ରୂପେ ଗଢ଼ିତୋଳି ଥାଏ ।

ଈଶ୍ୱରଙ୍କର ମନୋନୀତ ସନ୍ତାନମାନେ ଦିବାରାତ୍ର ଯୀଶୁଖ୍ରୀଷ୍ଟଙ୍କର ଉପାସନା କରିଥାଆନ୍ତି । ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିରେ ଈଶ୍ୱରଙ୍କର ସୈନ୍ୟମାନେ,

ସୁସମାଚାର ଘୋଷଣା କରିଥାଆନ୍ତି ।

ଈଶ୍ୱରଙ୍କର ସନ୍ତାନମାନେ ପାପକୁ ଘୃଣା କରନ୍ତି ।

ଈଶ୍ୱରଙ୍କ ସୈନ୍ୟମାନେ ପାପୀକୁ ପ୍ରେମ କରନ୍ତି ।

ସେମାନେ ଅନ୍ୟମାନଙ୍କୁ ସୁସମାଚାର ରୂପ ରଥରେ ଆରୋହଣ କରିବା ନିମନ୍ତେ ନିମନ୍ତ୍ରଣ କରନ୍ତି ।

ଯଦି ଆପଣମାନେ ଏହି ରଥରେ ଆରୋହଣ କରିବା ନିମନ୍ତେ ଧାଡ଼ିରେ ଅଛନ୍ତି, ତେବେ ଈଶ୍ୱରଙ୍କର ସୈନିକ ରୂପେ ପରିଗଣିତ ହେବା ନିମନ୍ତେ ଶେଷ ଦିନ ପର୍ଯ୍ୟନ୍ତ ଦଣ୍ଡାୟମାନ ରୁହନ୍ତୁ ।

ଯଦି ଆପଣମାନେ ସେହି ଧାଡ଼ିରେ ନାହାଁନ୍ତି, ତେବେ ସେହି ଧାଡ଼ିରେ ଉପସ୍ଥିତ ରହିବା ନିମନ୍ତେ ସଦାପ୍ରଭୁ ଆପଣମାନଙ୍କୁ ସାହାର୍ଯ୍ୟ କରନ୍ତୁ ।

ପ୍ରତ୍ୟେକ ପାଠକ/ପାଠିକା ମାନଙ୍କୁ ଈଶ୍ୱରଙ୍କର ସନ୍ତାନ ଓ ଈଶ୍ୱରଙ୍କର ସୈନିକ ରୂପେ

ପ୍ରତ୍ୟେକଙ୍କୁ ସଦାପ୍ରଭୁ ଆଶିର୍ବାଦ ପ୍ରଦାନ କରନ୍ତୁ ।

ସୁସମାଚାର ପ୍ରାଚାର କାର୍ଯ୍ୟ ଦ୍ୱାରା ମନୁଷ୍ୟର ହୃଦୟ ପରିବର୍ତ୍ତନ ହୋଇଥାଏ ।

ଆମ୍ଭେମାନେ ବୋଝଗ୍ରସ୍ତ ଭାବରେ ଲୋକମାନଙ୍କର ସକ୍ଷ୍ୟମ ଅନୁଯାୟୀ ସେମାନଙ୍କୁ 'ସୁସମାଚାର ରୂପ ରଥ' ନିକଟକୁ ଆଣିବା ନିମନ୍ତେ ପ୍ରଚେଷ୍ଟା କରୁ । -ଆମେନ୍ ।

## ପ୍ରାର୍ଥନା

**ପ୍ରଭୁ ଯୀଶୁ, ଲୋକମାନେ ପାପର ବୋଝ ଓ ଅବସାଦରୁ ଉଦ୍ଧାର ପାଇବେ, ପୁଣି ରୋଗ, ଯନ୍ତ୍ରଣା, ଆର୍ଥିକ ସମସ୍ୟା, ପାରିବାରିକ ସମସ୍ୟା, ଭବିଷ୍ୟତ ଓ ଶୟତାନର ଭୟରୁ ଉପଶମ ଓ ଭାରମୁକ୍ତ ହେବେ ସେଥିପାଇଁ ତୁମେ ଯେଉଁ ସୁସମାଚାର ଦେଇଅଛ ତାହା ଯେପରି ସମସ୍ତ ଭାଷାରେ ଶୁଣାଯିବ ତେଣୁ ମୁଁ ପ୍ରାର୍ଥନା କରୁଅଛି । ପରମେଶ୍ୱରଙ୍କ ସନ୍ତାନଗଣ ତାଙ୍କର ଲୋକମାନଙ୍କର ଧାଡ଼ିରେ ସଂଯୁକ୍ତ ହୋଇ ପରମେଶ୍ୱରଙ୍କ ସୈନ୍ୟ ଭାବରେ ଅଗ୍ରସର ହୁଅନ୍ତୁ । ପ୍ରଭୁ ତୁମର ପବିତ୍ର ଆତ୍ମାଙ୍କୁ ପାଦର ଗଣ୍ଠି, ଆଣ୍ଠୁ ଅବା ଅଣ୍ଟା ପର୍ଯ୍ୟନ୍ତ ନୁହେଁ ମାତ୍ର ଏକ ନଦୀ ସଦୃଶ୍ୟ ପ୍ରବାହିତ କର ଯଦ୍ୱାରା ତାହା ତରଙ୍ଗ ସଦୃଶ୍ୟ ଲୋକମାନଙ୍କୁ କାଲବରୀ ପର୍ଯ୍ୟନ୍ତ ଭସାଇ ନେବ । ଲୋକମାନେ ତୁମର ଲୋକ ଭାବରେ ଖ୍ୟାତ ହୁଅନ୍ତୁ ଏବଂ ପରିଶେଷରେ ତୁମର ସୈନ୍ୟ ହୁଅନ୍ତୁ । ପାପ ଲୁପ୍ତ ହେଉ, ପବିତ୍ରତା ବୃଦ୍ଧିପ୍ରାପ୍ତ ହଉ, ଅଭିଶାପ ଉଭେଇ ଯାଉ ଓ ଆଶିର୍ବାଦ ଉଛୁଳି ଉଠୁ । ତୁମର ପୁତ୍ରଙ୍କର ଗୌରବ ନିମନ୍ତେ ହେ ପିତା ଏହା ଆମ୍ଭମାନଙ୍କର ନିମନ୍ତେ ସଫଳ କର । ଏହାକୁ ଦୟାପୂର୍ବକ ପବିତ୍ର ଆତ୍ମାଙ୍କ ଦ୍ୱାରା ସାଧନ କର । ଆମ୍ଭମାନଙ୍କର ଚକ୍ଷୁ ଏହାର ସାକ୍ଷ୍ୟ ବହନ କରି ତୁମର ଗୌରବ କରୁ । ପ୍ରଭୁ ଯୀଶୁଙ୍କ ନାମରେ ଏହି ପ୍ରାର୍ଥନା ଉତ୍ସର୍ଗ କରୁଅଛି । ଆମେନ୍ !**


# ଶସ୍ୟ କ୍ଷେତ୍ରର କର୍ତ୍ତାଙ୍କର ଗୌରବ ହେଉ । !



ପ୍ରଥମ ପିଢ଼ୀର ବିଶ୍ୱାସୀମାନଙ୍କର ନିମନ୍ତେ କାର୍ଯ୍ୟକ୍ଷେତ୍ରରେ ଏକ ଉପାସନା ଗୃହ ନିର୍ମାଣ ନ କରିବା ପର୍ଯ୍ୟନ୍ତ ନିଜର ନିମନ୍ତେ ବାସଭବନ ନିର୍ମାଣ କରିବେ ନାହିଁ ବୋଲି ଶ୍ରୀଯୁକ୍ତ ଦୟା ସିଂ ଏବଂ ତାଙ୍କର ପରିବାର ପ୍ରଭୁ ଯୀଶୁଙ୍କଠାରେ ଏକ ଶପଥ ନେଇଥିଲେ । ତେଣୁ ସେମାନେ ୨୦୧୨ ମସିହାରୁ ସେମାନଙ୍କର ଆୟର ଏକ ଛୋଟ ଅଂଶ ଏଥିପାଇଁ ସଞ୍ଚୟ କରିବା ଆରମ୍ଭ କରିଥିଲେ । ସମସ୍ତ ଉତ୍ତମ କାର୍ଯ୍ୟକୁ ସଫଳ କରୁଥିବା ଆମ୍ଭମାନଙ୍କର ପରମେଶ୍ୱର ମଧ୍ୟ ଏହାକୁ ସମ୍ଭବ କରିଥିଲେ । ସେଥିପାଇଁ ଗତ ୧୯.୦୫.୨୪ ତାରିଖ ଦିନ ପରମେଶ୍ୱରଙ୍କ ଗୌରବ ନିମନ୍ତେ ଆନ୍ଧ୍ରପ୍ରଦେଶ ରାଜ୍ୟର ମାନ୍ୟାମ ଜିଲ୍ଲା ଅନ୍ତର୍ଗତ ପର୍ବତର ପାଦ ଦେଶରେ ଅବସ୍ଥିତ ଭେଙ୍କାୟାଲ୍ଲଗୋଡ଼ା ଗ୍ରାମରେ ନିର୍ମାଣାଧିନ ଉପାସନା ଗୃହକୁ ଉତ୍ସର୍ଗ କରାଯାଇଥିଲା । ତେଣୁ ପାଲୟାମକୋଟି ସହରରୁ ୫ ଜଣ ସଦଶ୍ୟ ବିଶିଷ୍ଟ ଏକ ଦଳ ଭାବରେ ଆମ୍ଭେମାନେ କାର୍ଯ୍ୟକ୍ଷେତ୍ରକୁ ଯାଇଥିଲୁ ଏବଂ ପରମେଶ୍ୱରଙ୍କ ଲୋକମାନଙ୍କର ମାଧ୍ୟମରେ ନିଜର ଯୋଜନାକୁ ସଫଳ କରୁଥିବା ବିଷୟକୁ ନିଜର ଚକ୍ଷୁରେ ଦେଖିଲୁ ପରମେଶ୍ୱର ଶ୍ରୀଯୁକ୍ତ ଜୟ ସିଂ ଏବଂ ତାଙ୍କର ପରିବାରକୁ ବିଶେଷ ଆଶିର୍ବାଦ କରନ୍ତୁ ।

ଜୁନ ୬ ତାରିଖ ଦିନ ଆମ୍ଭେମାନେ ପୁନଃର୍ବାର ଆନ୍ଧ୍ରପ୍ରଦେଶ ରାଜ୍ୟର ଆରକ୍ୟୁ ଉପତ୍ୟକାକୁ ଯାତ୍ରା କରିଥିଲୁ । ପରମେଶ୍ୱର ପ୍ରଦାନ କରିଥିବା ସମସ୍ତ ଉତ୍ତମ ବିଷୟକୁ ଉତ୍ସର୍ଗ କରିବା ନିମନ୍ତେ ପରମେଶ୍ୱର ଶ୍ରୀମତି ଗ୍ଲୋରୀ ପାଉଲରାଜ ଓ ତାଙ୍କର ପରିବାର ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲେ । ଏହି ପରିବାର ପାକାବୁ କାର୍ଯ୍ୟକ୍ଷେତ୍ରରେ ଏକ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିଥିଲେ । ପରମେଶ୍ୱରଙ୍କ ଅସୀମ ଅନୁଗ୍ରହ ହେତୁ ଗତ ୦୯.୦୬.୨୪ ତାରିଖ ଦିନ ଏହା ତାଙ୍କର ଗୌରବ ନିମନ୍ତେ ଉତ୍ସର୍ଗ କରାଯାଇଥିଲା । କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଅମଳ କାର୍ଯ୍ୟ ପ୍ରଚୁର ଭାବରେ ବୃଦ୍ଧି ହୋଇଅଛି ଏବଂ ସେବାକାର୍ଯ୍ୟକୁ ସାହାର୍ଯ୍ୟ କରୁଥିବା ଲୋକମାନଙ୍କର ଅନ୍ତରରେ ମହାଆନନ୍ଦ ପରିଲ୍ଲକ୍ଷିତ ହୋଇଅଛି । ନିଜର ଇଚ୍ଛାଅନୁସାରେ ମହାନ ଯୋଜନାକୁ ସଫଳ କରୁଥିବା ପ୍ରଭୁ ଯୀଶୁଙ୍କର ଆମ୍ଭେମାନେ ଗୌରବ କରୁଅଛୁ ।

*– ପରିଦର୍ଶକ ଦଳ ତରଫରୁ ଖ୍ରିଷ୍ଟୋଫର ଦାମସନ ।*



# ଏହା ପରମେଶ୍ୱରଙ୍କ କାର୍ଯ୍ୟ

କାର୍ଯ୍ୟକ୍ଷେତ୍ରର ବିଶ୍ୱାସୀମାନଙ୍କର ନିମନ୍ତେ ଏକ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କର ହୃଦୟରେ ଏକ ଆକାଂକ୍ଷା ସୃଷ୍ଟି କରିଥିଲେ । ଏହି ଅଭିଳାଶକୁ ସ୍ୱୟଂ ପରମେଶ୍ୱର ମଧ୍ୟ ପୂରଣ କଲେ । ଗତ ମାର୍ଚ୍ଚ ମାସର ୧୦ ତାରିଖ ଦିନ ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ କୋର୍ବା ଜିଲ୍ଲାର ପାଟାଡ଼ି କାର୍ଯ୍ୟକ୍ଷେତ୍ରରେ ସତନାମୀ ଲୋକମାନଙ୍କର ନିମନ୍ତେ ଏକ ଉପାସନା ଗୃହ ପରମେଶ୍ୱରଙ୍କ ଗୌରବ ନିମନ୍ତେ ଉତ୍ସର୍ଗ କରାଯାଇଅଛି । "ଏହା ସଦାପ୍ରଭୁଙ୍କ କର୍ମ; ଏହା ଆମ୍ଭମାନଙ୍କ ଦୃଷ୍ଟିରେ ଆଶ୍ଚର୍ଯ୍ୟ" (ଗୀତସଂହିତା ୧୧୮:୨୩) । ଯେତେବେଳେ କାର୍ଯ୍ୟକ୍ଷେତ୍ରରେ ଆମର ୫ତମ ଉପାସନା ଗୃହ ଭାବରେ ପରମେଶ୍ୱର ଏହି ଉପାସନା ଗୃହକୁ ଛିଡ଼ା କଲେ ସେତେବେଳେ ଆମ୍ଭେମାନେ ପରମେଶ୍ୱରଙ୍କଠାରେ ଆନନ୍ଦ କରିବା ସହିତ ତାଙ୍କର ମହାନାମକୁ ଗୌରବାନ୍ୱିତ କରିଥିଲୁ ।




*– ଶାମସନ ରବିଚନ୍ଦ୍ରନ ଏବଂ ପରିବାର,*
*ଚେନ୍ନାଇ*



# କ୍ଷେତ୍ର ସମାଚାର

## ପ୍ରଶଂସା ଏବଂ ପ୍ରାର୍ଥନା

**ସଦାପ୍ରଭୁ ଜୀବିତ; ମୋହର ଶୈଳ ଧନ୍ୟ ହେଉନ୍ତୁ ଓ ମୋହର ପରିତ୍ରାଣ ସ୍ୱରୂପ ପରମେଶ୍ୱର ଉନ୍ନତ ହେଉନ୍ତୁ । (ଗୀତସଂହିତା ୧୮ :୪୬)**

### ୧. ଜାମ୍ମୁକାଶ୍ମିର — କାର୍ଯ୍ୟକ୍ଷେତ୍ର - ୪୦

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ଭାଇ କଲାରାମ ପ୍ରଥମେ ସୁସମାଚାର ବିରୁଦ୍ଧରେ ଉଠିଥିଲେ ମାତ୍ର ପରବର୍ତ୍ତି ସମୟରେ ମନପରିବର୍ତ୍ତନ କରିଅଛନ୍ତି । ଏହି ରାଜ୍ୟର ୫ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ବୁଢ଼ୱାନି ଗ୍ରାମର ୪ ଗୋଟି ପରିବାର ଖ୍ରୀଷ୍ଟଙ୍କ ସୁସମାଚାର ମାଧମରେ ନୂତନ ଜୀବନ ଲାଭ କରିଅଛନ୍ତି । ଭାଇ ରାମପାଲଙ୍କ ମନପରିବର୍ତ୍ତନ ଯୋଗୁଁ ଚନ୍ଦ୍ରକୋଟ ଗ୍ରାମରେ ଲୋକ ସମ୍ପର୍କ ସ୍ଥାପନ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ଏକ ସଡ଼କ ଜନିତ ଦୁର୍ଘଟଣା ଯୋଗୁଁ ମସ୍ତିସ୍କରେ ଅତ୍ୟାଧିକ ଆଘାତ ପ୍ରାପ୍ତ ହୋଇଥିବା କାର୍ଯ୍ୟକାରୀ ମୋହନଲାଲଙ୍କ ସହଧର୍ମିଣୀଙ୍କର ସୁସ୍ଥତା ନିମନ୍ତେ, ଉପର ଲାଲି ଗ୍ରାମର ଉପାସନା ଦଳରେ ସମସ୍ୟା ସୃଷ୍ଟି କରୁଥିବା ଲୋକମାନଙ୍କର ମନପରିବର୍ତ୍ତନ ନିମନ୍ତେ, କାଶ୍ମିରରେ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପରମେଶ୍ୱରଙ୍କ ମାର୍ଗ ଦର୍ଶନ ପାଇଁ ତଥା ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିଥିବା ୮ ଜଣ ଯୁବବନ୍ଧୁଙ୍କର ନିମନ୍ତେ ତାଲିମ ଆରମ୍ଭ କରିବା ପାଇଁ ପ୍ରାର୍ଥନା କରନ୍ତୁ ।

### ୨. ହିମାଚଳ ପ୍ରଦେଶ — କାର୍ଯ୍ୟକ୍ଷେତ୍ର - ୪୨

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ବନଗ୍ରାନ ଗ୍ରାମର ଉପାସନା ଗୃହର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଅଛି । ସତ୍ୟାନ୍ୱେଷଣ ସଭା ଅନୁଷ୍ଠିତ ହୋଇଥିବା ୧୫୦ ଗୋଟି ଗ୍ରାମରେ ସେବାକାର୍ଯ୍ୟ ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇଅଛି । କାର୍ଯ୍ୟକାରୀ ଅଙ୍କିତ କୁମାର ଏବଂ ତାଙ୍କର ପରିବାରକୁ ପରମେଶ୍ୱର ଏକ ଶିଶୁ ସନ୍ତାନ ଦ୍ୱାରା ଆଶିର୍ବାଦ କରିଅଛନ୍ତି । ଏହି ରାଜ୍ୟରେ ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଥିବା ୧୨ ଜଣ ବ୍ୟକ୍ତି ପରମେଶ୍ୱରଙ୍କର ଗୌରବ କରୁଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଘିନ୍ନା ଗ୍ରାମର ବିଶ୍ୱାସୀ ସହଭାଗିତାରେ ଯୋଗ ଦେଇଥିବା ୪ ଗୋଟି ପରିବାର ଯେପରି ବିଶ୍ୱାସରେ ଶକ୍ତିଯୁକ୍ତ ହେବ, ସେବାକାର୍ଯ୍ୟ ପରିଚାଳିତ ୨୨୩ ଗୋଟି ଗ୍ରାମରେ ପବିତ୍ର ଆତ୍ମା ଯେପରି କାର୍ଯ୍ୟରତ ହେବେ, ଦୋଲେ ଅଞ୍ଚଳରେ ପରିଲ୍ଲକ୍ଷିତ ସମସ୍ତ ପ୍ରତିବନ୍ଧକ ଯେପରି ପ୍ରଭୁ ଯୀଶୁଙ୍କ ନାମରେ ଦୂର ହେବ ତଥା ଆପଣା ବିଶ୍ୱାସମତ୍ତ ସ୍ୱିକାର କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ୭୨୫ ଜଣ ବ୍ୟକ୍ତିଙ୍କର ନିମନ୍ତେ ବିଶେଷ ବାଇବଲ ଶିକ୍ଷା ଆରମ୍ଭ କରିବା ପାଇଁ ପ୍ରାର୍ଥନା କରନ୍ତୁ ।

## ୩. ପଞ୍ଜାବ — କାର୍ଯ୍ୟକ୍ଷେତ୍ର - ୫୧

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୧୮ ଜଣ ଯୁବବନ୍ଧୁ ଯୁବ ଶିବିର ମାଧ୍ୟମରେ ନିଜର ଭବିଷ୍ୟତକୁ ପ୍ରଭୁ ଯୀଶୁଙ୍କଠାରେ ଉତ୍ସର୍ଗ କରିଅଛନ୍ତି । ଏହି ରାଜ୍ୟର ୩୫ ଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରି କାର୍ଯ୍ୟକ୍ଷେତ୍ରସ୍ଥିତ ମଣ୍ଡଳୀ ଗୁଡ଼ିକରେ ଯୋଗ ଦେଇଅଛନ୍ତି । କାର୍ଯ୍ୟକାରୀ ବିଜେନ୍ଦ୍ର ଓ ତାଙ୍କର ସହଧର୍ମିଣୀ ଭଉଣୀ ସୁମନଙ୍କୁ ପରମେଶ୍ୱର ଏକ ଶିଶୁ ସନ୍ତାନ ଦ୍ୱାରା ଆଶିର୍ବାଦ କରିଅଛନ୍ତି । ୪୦ ଗୋଟି ଗ୍ରାମରେ ଅନୁଷ୍ଠିତ ହୋଇଥିବା ରାତ୍ରକାଳୀନ ପ୍ରାର୍ଥନା ସଭା ମାଧ୍ୟମରେ ଆମ୍ଭେମାନେ ନୂତନ ଲୋକମାନଙ୍କର ସହିତ ସମ୍ପର୍କ ସ୍ଥାପନ କରିଅଛୁ ।

*ପ୍ରାର୍ଥନା କରନ୍ତୁ...* ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିଥିବା ୨୦ ଜଣ ଯୁବବନ୍ଧୁଙ୍କର ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ, ବିଶ୍ୱାସମତ୍ତ ସ୍ୱିକାରୋକ୍ତି ଆୟୋଜନ କରିବା ନିମନ୍ତେ କରାଯାଉଥିବା ସମସ୍ତ ପରିଶ୍ରମ ଫଳପ୍ରଦ ହେବା ପାଇଁ, ଗୁରୁଦାସପୁର ଓ ବାଟିଣ୍ଡା ଜିଲ୍ଲାରେ ସେବାକାର୍ଯ୍ୟ ଆରମ୍ଭ କରିବା ପାଇଁ କରାଯାଉଥିବା କ୍ଷେତ୍ର ସର୍ବେକ୍ଷଣ ନିମନ୍ତେ ତଥା ୫ ଗୋଟି କାର୍ଯ୍ୟକ୍ଷେତ୍ରରେ ନିର୍ମିତ ଉପାସନା ଗୃହର ପରିସର ପ୍ରାଚୀର ନିର୍ମାଣ କରିବା ପାଇଁ ପ୍ରାର୍ଥନା କରନ୍ତୁ ।

## ୪. ଉତ୍ତରାଖଣ୍ଡ — କାର୍ଯ୍ୟକ୍ଷେତ୍ର - ୪୦

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ଦିଉଇୱାଲ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ଯୋଗୁଁ ୬୦ ଜଣ ପିଡୀତ ବ୍ୟକ୍ତି ଉପକୃତ ହୋଇଅଛନ୍ତି । ସତ୍ୟାନ୍ୱେଷଣ ସଭା ମାଧ୍ୟମରେ ୫୨ ଜଣ ବ୍ୟକ୍ତି ପୁନଃଜନ୍ମର ଅନୁଭୂତି ଲାଭ କରିଅଛନ୍ତି । ସୁସମାଚାର ପ୍ରଚାର ମାଧ୍ୟମରେ ୧୫୨ ଜଣ ବ୍ୟକ୍ତି ପ୍ରଥମ ଥର ଅନନ୍ତ ଜୀବନ ବିଷୟରେ ଶୁଣିଅଛନ୍ତି । ସୁସମାଚାର ଶୁଣିଥିବା ଭାଇ ମହେଶ ମଦ୍ୟପାନର ଆସକ୍ତିରୁ ସଂପୂର୍ଣ୍ଣ ଭାବରେ ଉଦ୍ଧାର ପ୍ରାପ୍ତ ହୋଇଅଛନ୍ତି । ପ୍ରାତୀତନଗର ଗ୍ରାମର ଉପାସନା ଗୃହ ନୂତନୀକୃତ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ୫ ଗୋଟି ୱେବ୍ କେନ୍ଦ୍ରରେ ସାମାଜିକ ଉନ୍ନୟନ ପରିକଳ୍ପନ ଆରମ୍ଭ କରିବା ନିମନ୍ତେ, ସେବାକାର୍ଯ୍ୟର ବିରୁଦ୍ଧରେ ଉଠିଥିବା ପଓ୍ୱାନ ସିଂଙ୍କର ମନପରିବର୍ତ୍ତନ ପାଇଁ, ଆପଣା ବିଶ୍ୱାସମତ୍ତ ସ୍ୱିକାର କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ୧୭ ଜଣ ବ୍ୟକ୍ତିଙ୍କ ପାଇଁ ତଥା ଖାଟିମ୍ମା ଅଞ୍ଚଳରେ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ପାଇଁ ନୂତନ ଗ୍ରାମ ଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ପରମେଶ୍ୱରଙ୍କ ଚାଳନା ପାଇଁ ପ୍ରାର୍ଥନା କରନ୍ତୁ ।

## ୫. ହରିୟାଣା — କାର୍ଯ୍ୟକ୍ଷେତ୍ର - ୨୦

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ଧଣ୍ଡ କାର୍ଯ୍ୟକ୍ଷେତ୍ରର ୮ ଜଣ ଯୁବବନ୍ଧୁ ନିଜର ଭବିଷ୍ୟତ ପ୍ରଭୁ ଯୀଶୁଙ୍କଠାରେ ସମର୍ପଣ କରିଅଛନ୍ତି । ଭାଇ ଅର୍ଜୁନ ଓ ଭଉଣୀ ଆଶା ପ୍ରଭୁ ଯୀଶୁଙ୍କ ନାମରେ ସୁସ୍ଥତା ଲାଭ କରି ନିଜର ସାକ୍ଷ୍ୟ ଅନ୍ୟମାନଙ୍କର ନିକଟରେ ଘୋଷଣା କରୁଅଛନ୍ତି । ଶେରଗଡ଼ କାର୍ଯ୍ୟକ୍ଷେତ୍ରର ୮ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ଆମ୍ବାଲ ଓ ପଲୱାଲ ଗ୍ରାମରେ ସେବାକାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ଏହି ରାଜ୍ୟର ୪ ଗୋଟି ସ୍ଥାନରେ ଦବୋର ଶିବିର ଆୟୋଜନ କରିବା ନିମନ୍ତେ ସମସ୍ତ ପରିଶ୍ରମ ଫଳପ୍ରଦ ହେବା ନିମନ୍ତେ, ଜନାଜୋଲି କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରର ଅନୁଧାବନ କାର୍ଯ୍ୟ ପାଇଁ, ବୋରିଆଖେର ଗ୍ରାମରେ ବପନ କରାଯାଇଥିବା ବାକ୍ୟରୂପୀ ବୀଜ ଯୁବା ମାନଙ୍କର ଅନ୍ତରରେ ଫଳପ୍ରଦ ହେବା ନିମନ୍ତେ ତଥା କୈଇଥାଲ ଏବଂ କୁରୁକ୍ଷେତ୍ର ଜିଲ୍ଲାରୁ ପୂର୍ଣ୍ଣ ସମୟକାଳୀନ କାର୍ଯ୍ୟକାରୀ ଯେପରି ସେବାକର୍ଯ୍ୟରେ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୬. ରାଜସ୍ଥାନ - ବନ୍ସ୍ୱାରା — କାର୍ଯ୍ୟକ୍ଷେତ୍ର - ୪୨

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ଯୋଗଡ଼ିମାଲ ଗ୍ରାମର ଜୟନ୍ତୀଲାଲଙ୍କ ପରିବାର ପରମେଶ୍ୱରଙ୍କ ସେବାକାର୍ଯ୍ୟ ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିଅଛନ୍ତି । ଖୋରପଡ଼ା ଗ୍ରାମର ମାଙ୍ଗିଲାଲ ପକ୍ଷାଘାତ ରୋଗରୁ ସଂପୂର୍ଣ୍ଣ ଭାବରେ ସୁସ୍ଥତା ଲାଭ କରିଅଛନ୍ତି । ନୂତନ ଜୀବନ ଲାଭ କରିଥିବା ୭ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । କିକାପଡ଼ା ଏବଂ ପାଡୋଲି ଗ୍ରାମରେ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ନୂତନ ଲୋକମାନଙ୍କର ସହିତ ସମ୍ପର୍କ ସ୍ଥାପନ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ବାଗିତୋର ତହସିଲରୁ ପରମେଶ୍ୱର ଯେପରି କାର୍ଯ୍ୟକାରୀମାନଙ୍କୁ ଆହ୍ୱାନ କରିବେ, ଦିର୍ଘ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ସନ୍ତାନ ଲାଭ କରିବା ନିମନ୍ତେ ପ୍ରାର୍ଥନା କରୁଥିବା ଆମର କାର୍ଯ୍ୟକାରୀ ଭାଇ ମନୋଜ ଏବଂ ତାଙ୍କର ସହଧର୍ମିଣୀଙ୍କ ପାଇଁ, ମଦ୍ୟପାନରେ ଆସକ୍ତ ମୋତିଆ ଗ୍ରାମର ଲୋକମାନଙ୍କର ଉଦ୍ଧାର ନିମନ୍ତେ ତଥା ସଡ଼କ ଜନିତ ଦୁଃଘଟଣା ଯୋଗୁଁ ଗୋଡ଼ରେ ଆଘାତ ପ୍ରାପ୍ତ ଲଡ଼ଜୀ ଦାମୋରିଙ୍କ ସୁସ୍ଥତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୭ . ରାଜସ୍ଥାନ - ଉଦୟପୁର — କାର୍ଯ୍ୟକ୍ଷେତ୍ର - ୩୬

*ପ୍ରଶଂସା କରନ୍ତୁ...* ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଥିବା ଏହି ରାଜ୍ୟର ୭ ଜଣ ବ୍ୟକ୍ତି ବିଶ୍ୱାସୀ ସହଭାଗିତାରେ ଯୋଗ ଦେଇଅଛନ୍ତି । ଭାଇ ପ୍ରଭୁଲାଲ ଏବଂ ତାଙ୍କର ପରିବାରକୁ ପରମେଶ୍ୱର ଏକ ଶିଶୁ ସନ୍ତାନ ଦ୍ୱାରା ଆଶିର୍ବାଦ କରିଅଛନ୍ତି । ସତ୍ୟାନ୍ୱେଷଣ ସଭା ମାଧ୍ୟମରେ ପ୍ରଭୁ ଯୀଶୁଙ୍କ ବିଷୟରେ ଶୁଣିଥିବା ୨୫ ଜଣ ବ୍ୟକ୍ତି ବାଇବଲ ଅଧ୍ୟୟନ ଦଳରେ ଯୋଗ ଦେଇଅଛନ୍ତି । ମନ୍ଦଶକ୍ତିର କବଳରୁ ସଂପୂର୍ଣ୍ଣ ଭାବରେ ଉଦ୍ଧାରପ୍ରାପ୍ତ ହେଉଥିବା ଭାଇ ଦେବୀଲାଲ ଏବଂ ରାଜୁଜୀଙ୍କ ପରିବାର ନିଜର ସାକ୍ଷ୍ୟ ଅନ୍ୟମାନଙ୍କର ଠାରେ ଘୋଷଣା କରୁଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* କୋଟ୍ରା ଏବଂ ପାନରର୍ଭା ଗ୍ରାମରେ ଉପାସନା ଦଳ ଗଠନ କରିବା ପାଇଁ କରାଯାଇଥିବା ସମସ୍ତ ପରିଶ୍ରମ ଫଳପ୍ରଦ ହେବା ନିମନ୍ତେ, ଆମରଦର ଗ୍ରାମର ଲୋକମାନଙ୍କର ହୃଦୟରେ ଯେପରି ପରମେଶ୍ୱରଙ୍କ ବାକ୍ୟ  କାର୍ଯ୍ୟ କରିବ, ଦୀର୍ଘ ୯ ବର୍ଷ ପ୍ରାର୍ଥନାର ସହିତ ଶିଶୁ ସନ୍ତାନ ପାଇବା ଆଶାରେ ଅପେକ୍ଷା କରିଥିବା ଲିଲାଙ୍କର ପରିବାରକୁ ପରମେଶ୍ୱର ଯେପରି ଆଶିର୍ବାଦ କରିବେ ତଥା ଯୋକଦା ଗ୍ରାମର ବିଶ୍ୱାସୀମାନଙ୍କର ଦ୍ୱାରା ପଡ଼ୋଶୀ ଗ୍ରାମ ଗୁଡ଼ିକରେ ଯେପରି ସୁସମାଚାର ଘୋଷଣା କରିପାରିବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୮ . ଉତ୍ତର ପ୍ରଦେଶ — କାର୍ଯ୍ୟକ୍ଷେତ୍ର - ୯୬

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟରେ କ୍ଷେତ୍ର ସର୍ବେକ୍ଷଣ ମାଧ୍ୟମରେ ୪୫ ଗୋଟି ନୂତନ ଗ୍ରାମକୁ ସୁସମାଚାର କାର୍ଯ୍ୟର ଆରମ୍ଭ ନିମନ୍ତେ ଚିହ୍ନଟ କରାଯାଇଅଛି । ଚନ୍ଦୋଲି ଜିଲ୍ଲାରେ ୫ ଗୋଟି ନୂତନ ବାଇବଲ ଅଧ୍ୟୟନ ଦଳ ଗଠନ କରାଯାଇଅଛି । ନୂତନ ବିଶ୍ୱାସୀ ଭାଇ ସନ୍ଦିପ କୁମାରଙ୍କ ବାସଭବନ ଏକ ଉପାସନା ଦଳରେ ପରିଣତ ହୋଇଅଛି । ମୁଶାନି ଓ ରାଜପୁର ଗ୍ରାମରେ ସେବାକାର୍ଯ୍ୟ କରିବା ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ବିଶ୍ୱାସୀ ସହଭାଗିତାରେ ଯୋଗ ଦେଇଥିବା ୪୫ ଗୋଟି ପରିବାର ଯେପରି ପରମେଶ୍ୱରଙ୍କ ବିଷୟରେ ଆହୁରି ଅଧିକ ଜାଣି ପାରିବେ, ୧୫୬ ଗୋଟି ଗ୍ରାମରେ ଅନୁଷ୍ଠିତ ସତ୍ୟାନ୍ୱେଷଣ ସଭାର ଅନୁଧାବନ କାର୍ଯ୍ୟ ନିମନ୍ତେ, ୨୩ ଗୋଟି ଗ୍ରାମରେ ସାମାଜିକ ଉନ୍ନୟନ କେନ୍ଦ୍ର ଖୋଲିବା ନିମନ୍ତେ କରାଯାଉଥିବା ସମସ୍ତ ପରିଶ୍ରମ ଫଳପ୍ରଦ ହେବା ପାଇଁ ତଥା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ମୋହନ ଗୁପ୍ତାଙ୍କର ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୯ .ବିହାର — କାର୍ଯ୍ୟକ୍ଷେତ୍ର - ୩୫

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୨୦୮ ଗୋଟି ଗ୍ରାମରେ ସତ୍ୟାନ୍ୱେଷଣ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭା ଗୁଡ଼ିକ ଦ୍ୱାରା ସୁସମାଚାର ଶୁଣିଥିବା ୨୨୮୮ ଜଣ ଲୋକଙ୍କ ମଧ୍ୟରୁ ୨୦୫ ଜଣ ପ୍ରଭୁ ଯୀଶୁଙ୍କ ନିମନ୍ତେ ନିଜର ହୃଦୟ ଉନ୍ମୁକ୍ତ କରିଅଛନ୍ତି । ରୁପସାପୁର ଗ୍ରାମରେ ଅନୁଷ୍ଠିତ ଶିଶୁ ମେଳା ଦ୍ୱାରା ୧୫୦ ଜଣ ଶିଶୁ ଉପକୃତ ହୋଇଅଛନ୍ତି । ଏହି ରାଜ୍ୟର ୧୦ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ବକ୍ସର ଏବଂ ସାରନ ଜିଲ୍ଲାର ୫୦ ଗୋଟି ଗ୍ରାମକୁ ସୁସମାଚାର ପ୍ରଚାର କାର୍ଯ୍ୟ ନିମନ୍ତେ ଚିହ୍ନଟ କରାଯାଇଅଛି ।

*ପ୍ରାର୍ଥନା କରନ୍ତୁ...* ସର୍ବସାଧାରଣ ପରୀକ୍ଷାର ସମ୍ମୁଖିନ ହୋଇ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ଆମର ପ୍ରଥମ ପିଢ଼ୀର ୮୦ ଜଣ ବିଶ୍ୱାସୀଙ୍କର ପିଲାମାନଙ୍କର ନିମନ୍ତେ ପରମେଶ୍ୱରଙ୍କ ମାର୍ଗଦର୍ଶନ ପାଇଁ, ଏହି ରାଜ୍ୟର ୪ ଗୋଟି ସ୍ଥାନରେ ଉପାସନା ଗୃହ ନିର୍ମାଣ କରିବା ପାଇଁ ଜମିର ପଞ୍ଜିକରଣ ଓ ସରକାରୀ ଅନୁମତି ପାଇଁ, ୧୭୫ ଗୋଟି ଗ୍ରାମରେ ଅନୁଷ୍ଠିତ ବିଶ୍ୱାସ ମହୋତ୍ସବରେ ଯୋଗ ଦେଇଥିବା ବିଶ୍ୱାସୀମାନଙ୍କର ଆଧାତ୍ମିକ ଅଭିବୃଦ୍ଧି ପାଇଁ ତଥା ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ୨୦ ଜଣ ଯୁବବନ୍ଧୁଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୧୦. ଝାଡ଼ଖଣ୍ଡ କାର୍ଯ୍ୟକ୍ଷେତ୍ର - ୬୦

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ବୁଡୁ କାର୍ଯ୍ୟକ୍ଷେତ୍ରର ୧୯ ଜଣ ବ୍ୟକ୍ତି ପରମେଶ୍ୱରଙ୍କ ବାକ୍ୟ ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କରିଅଛନ୍ତି । ଖଜୁରଦାଗ ଏବଂ କଟଓ୍ୱା କାର୍ଯ୍ୟକ୍ଷେତ୍ରରେ ବିଶ୍ୱାସୀମାନଙ୍କର ସଂଖ୍ୟା ବୃଦ୍ଧି ପ୍ରାପ୍ତ ହୋଇଅଛି । ଏହି ରାଜ୍ୟର ୨୨ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ପ୍ରଥମ ପିଢ଼ୀର ବିଶ୍ୱାସୀମାନଙ୍କର ପ୍ରଥମ ବିବାହ କାର୍ଯ୍ୟ ଆମର କାର୍ଯ୍ୟକାରୀଙ୍କର ମାଧ୍ୟମରେ କାର୍ଯ୍ୟକ୍ଷେତ୍ରରେ ସମ୍ପାଦନ ହୋଇଅଛି । ସୁସମାଚାର କାର୍ଯ୍ୟ ମାଧ୍ୟମରେ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ସମାଜିକ ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକ ପରିଚାଳିତ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ହାରଟୋଲ୍ଲି ଏବଂ ଡୁମରିଆ ଗ୍ରାମରେ ସୁସମାଚାର ଶୁଣିଥିବା ଲୋକମାନଙ୍କର ମନପରିବର୍ତ୍ତନ ନିମନ୍ତେ, ବାନାରି କାର୍ଯ୍ୟକ୍ଷେତ୍ରରେ ପରିଚାଳିତ ସେବାକାର୍ଯ୍ୟ ବିରୁଦ୍ଧରେ ଉଠିଥିବା ୫ ଗୋଟି ପରିବାରର ମନପରିବର୍ତ୍ତନ ନିମନ୍ତେ, ନାଓ୍ୱାଟୋଲ୍ଲୀ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ କୁରୁକ ଲୋକଦଳର ମେଳାର ଅନୁଧାବନ କାର୍ଯ୍ୟ ନିମନ୍ତେ ତଥା ୧୦୦ ଜଣ ଏକ୍ରା ୫୦୦ ଗୋଟି ନୂତନ ଗ୍ରାମର ଦର୍ଶନର ସଫଳତା ପାଇଁ ପ୍ରାର୍ଥନା କରନ୍ତୁ ।

## ୧୧. ପଶ୍ଚିମବଙ୍ଗ - କୁଚବିହାର ଜିଲ୍ଲା କାର୍ଯ୍ୟକ୍ଷେତ୍ର - ୦୬

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୫ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ସାଲଦୁର ଗ୍ରାମରେ ଅନୁଷ୍ଠିତ ସତ୍ୟାନ୍ୱେଷଣ ସଭା ଯୋଗୁଁ ୧୬ ଜଣ ବ୍ୟକ୍ତି ଅଧିକ ଉପକୃତ ହୋଇଅଛନ୍ତି । ମନ୍ଦଶକ୍ତିର କବଳରୁ ଭଉଣୀ ହରେସୁନି ସଂପୂର୍ଣ୍ଣ ଭାବରେ ଉଦ୍ଧାର ପ୍ରାପ୍ତ ହୋଇଅଛନ୍ତି । ଭାଇ ବିଶ୍ରାମ ମହାଲି ଏକ ପ୍ରାର୍ଥନାଶୀଳ ଜୀବନ ଅତିବାହିତ କରୁଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଶରୀରରେ ହୋଇଥିବା ବଥ ଯୋଗୁଁ ଯନ୍ତ୍ରଣା ପାଉଥିବା ଭାଇ ମନଗାଇଚନଙ୍କ ସୁସ୍ଥତା ନିମନ୍ତେ, ଉତ୍ତର ଧଲକୋର ଗ୍ରାମରେ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ପରମେଶ୍ୱରଙ୍କ ମାର୍ଗ ଦର୍ଶନ ପାଇଁ, ସେବାକାର୍ଯ୍ୟ ତଥା ପରମେଶ୍ୱରଙ୍କ ସନ୍ତାନ ମାନଙ୍କର ନିମନ୍ତେ ସମସ୍ୟା ସୃଷ୍ଟି କରୁଥିବା ହରିନାଥଙ୍କ ମନପରିବର୍ତ୍ତ ପାଇଁ ତଥା ପ୍ରେମେରଡ଼ଙ୍ଗା ଗ୍ରାମରେ ସୁସମାଚାର ଶୁଣିଥିବା ୧୫ ଜଣ ବ୍ୟକ୍ତିଙ୍କର ମନପରିବର୍ତ୍ତନ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୧୨. ପଶ୍ଚିମବଙ୍ଗ - ଦାର୍ଜିଲିଂ ଜିଲ୍ଲା କାର୍ଯ୍ୟକ୍ଷେତ୍ର - ୨୦

*ପ୍ରଶଂସା କରନ୍ତୁ...* ନୂତନ ବିଶ୍ୱାସୀ ଭାଇ ବିଶାଳ ଓରାନଙ୍କ ମାଧ୍ୟମରେ ଚା ବଗିଚାରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ମଧ୍ୟରେ ସୁସମାଚାର ଘୋଷଣା କରିବା ପାଇଁ ପରମେଶ୍ୱର ଆମ୍ଭମାନଙ୍କୁ ସକ୍ଷମ କରିଅଛନ୍ତି । ସତ୍ୟାନ୍ୱେଷଣ ସଭାରେ ଯୋଗ ଦେଇଥିବା ୬ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ପାପ ସ୍ୱିକାର କରି ବର୍ତ୍ତମାନ ବିଶ୍ୱାସୀ ସହଭାଗିତାରେ ଯୋଗ ଦେଇଅଛନ୍ତି । ପଥପ୍ରାନ୍ତ ସୁସମାଚାର କାର୍ଯ୍ୟ ଦ୍ୱାରା ୨୮ ଜଣ ବ୍ୟକ୍ତି ଯୀଶୁଙ୍କୁ ଗ୍ରହଣ କରିଅଛନ୍ତି । ଫେକ୍ଟରୀ ଲାଇନ ଗ୍ରାମରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ୩୫ ଜଣ ବ୍ୟକ୍ତି ଉପକୃତ ହୋଇଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଭିସ୍ତି ଜୋତେ ଗ୍ରାମର ଲୋକମାନେ ଯେପରି ମନ ପରିବର୍ତ୍ତନ କରି ସୁସମାଚାର ପ୍ରଚାର କାର୍ଯ୍ୟରେ ଲିପ୍ତ ହେବେ, ବୈରାଗି ଏବଂ ପାଟକି ଅଞ୍ଚଳର ଯୁବବନ୍ଧୁ ମାନେ ଯେପରି ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ପାଇଁ ନିଜର ଜୀବନ ଉତ୍ସର୍ଗ କରିବେ, ହମୁଲଡ଼ାଏରି କାର୍ଯ୍ୟକ୍ଷେତ୍ରର ବିଶ୍ୱାସୀମାନଙ୍କର ଆଧ୍ୟାତ୍ମିକ ବୃଦ୍ଧି ନିମନ୍ତେ ତଥା ବିଶ୍ୱାସୀମାନଙ୍କର ସଂଖ୍ୟା ବୃଦ୍ଧି ପ୍ରାପ୍ତ ହୋଉଥିବା ଘୁସପୁକୁର କାର୍ଯ୍ୟକ୍ଷେତ୍ରର ଉପାସନା ଗୃହର ନୂତନୀକରଣ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୧୩. ପଶ୍ଚିମବଙ୍ଗ - ଏଥେଲଓ୍ୱାରୀ　　　କାର୍ଯ୍ୟକ୍ଷେତ୍ର - ୩୦

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୭ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ନାନ୍ଦଲାଇନ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ହୋଇଥିବା ଦବୋର ସହଭାଗିତା ମାଧ୍ୟମରେ ୨୦୦ ଜଣ ମହିଳା ଉପକୃତ ହୋଇଅଛନ୍ତି । ଏଥେଲଓ୍ୱାରୀ ଅଞ୍ଚଳରେ ବାଇବଲ ଅଧ୍ୟୟନ ଦଳର ସଂଖ୍ୟା ୩୬ କୁ ବୃଦ୍ଧି ହୋଇଅଛି । ସୁସ୍ଥତା ଲାଭ କରିଥିବା ଚିରକେ ଓରାନ ନିଜର ସାକ୍ଷ୍ୟ ଅନ୍ୟମାନଙ୍କର ନିକଟରେ ଘୋଷଣା କରୁଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଜୟେ ବୀରପରା ଓ ହରିନାଥପୁର ଗ୍ରାମରେ ସୁସମାଚାର କାର୍ଯ୍ୟ ଆମ୍ଭ କରିବା ନିମନ୍ତେ ପରମେଶ୍ୱର ଯେପରି ଦ୍ୱାର ଉନ୍ମୁକ୍ତ କରିବେ, ଖ୍ରୀଷ୍ଟଙ୍କ ସୁସମାଚାର ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିବା ୧୫ ଗୋଟି ଗ୍ରାମକୁ କାର୍ଯ୍ୟକାରୀ ପ୍ରେରଣ କରିବା ପାଇଁ, ମାନସିକ ରୋଗରେ ଆକ୍ରାନ୍ତ ଶିଲ ଓରାନଙ୍କ ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ ତଥା ୪ ଗୋଟି କାର୍ଯ୍ୟକ୍ଷେତ୍ରରେ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ସରକାରୀ ଅନୁମତି ପାଇଁ ପ୍ରାର୍ଥନା କରନ୍ତୁ ।

## ୧୪. ପଶ୍ଚିମବଙ୍ଗ - କୋଲକତା　　　କାର୍ଯ୍ୟକ୍ଷେତ୍ର - ୩୪

*ପ୍ରଶଂସା କରନ୍ତୁ...* ବିଷଧର ନାଗ ସାପର ଦଂଶନରୁ ଉଦ୍ଧାର ପ୍ରାପ୍ତ ହୋଇଥିବା କାର୍ଯ୍ୟକାରୀ ଶ୍ୟାମୋଲ ଟୁଡୁଙ୍କର ଝିଅର ପାଇଁ ପରମେଶ୍ୱରଙ୍କ ଗୌରବ ହେଉ । ରୈନା କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ବିଶ୍ୱବାଣୀ ଗ୍ରୀଷ୍ମ କାଳୀନ ଅବକାଶ ବାଇବଲ ସ୍କୁଲ ଦ୍ୱାରା ୫୪ ଜଣ ଶିଶୁ ଉପକୃତ ହୋଇଅଛନ୍ତି । ଏହି ରାଜ୍ୟର ୮ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ପକ୍ଷାଘାତ ରୋଗରେ ଆକ୍ରନ୍ତ କାଞ୍ଚନୀ ବାରୁରି ପ୍ରଭୁ ଯୀଶୁଙ୍କ ନାମରେ ସୁସ୍ଥତା ଲାଭ କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ୫୭ ଗୋଟି ଗ୍ରାମରେ ଅନୁଷ୍ଠିତ ସତ୍ୟାନ୍ୱେଷଣ ସହର ଅନୁଧାବନ କାର୍ଯ୍ୟ ନିମନ୍ତେ, ୬ ଗୋଟି ଜିଲ୍ଲାର ୨୩ ଗୋଟି କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ବିଶ୍ୱବାଣୀ ଗ୍ରୀଷ୍ମକାଳୀନ ଅବକାଶ ବାଇବଲ ସ୍କୁଲରେ ଯୋଗ ଦେଇଥିବା ପିଲାମାନଙ୍କର ଭବିଷ୍ୟତ ନିମନ୍ତେ, ଦୀର୍ଘ ୧୦ ବର୍ଷ ପର୍ଯ୍ୟନ୍ତ ଶିଶୁ ସନ୍ତାନର ଅପେକ୍ଷାରେ ରହିଥିବା ଦମ୍ପତ୍ତି ସୁକୁମାର ଓ ପ୍ରତିମା ହସଦାଙ୍କ କୋଳରେ ପରମେଶ୍ୱର ଯେପରି ଶିଶୁ ସନ୍ତାନ ପ୍ରଦାନ କରିବେ ତଥା ଖାରିଓ୍ୱାରୀ ଗ୍ରାମରେ ଘୋଷଣା କରାଯାଇଥିବା ବାକ୍ୟ ଦ୍ୱାରା ଯେପରି ଲୋକମାନେ ପ୍ରଭୁ ଯୀଶୁଙ୍କର ନିକଟବର୍ତ୍ତି ହେବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୧୫. ସକିମ　　　କାର୍ଯ୍ୟକ୍ଷେତ୍ର - ୧୯

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୫ ଗୋଟି ଗ୍ରାମରେ ବାଇବଲ ଅଧ୍ୟୟନ ଦଳ ଗଠନ କରାଯାଇଅଛି । କାମବୋଇ ଓ ତୁମିନ କାର୍ଯ୍ୟକ୍ଷେତ୍ରରେ ବସବାସ କରୁଥିବା ଲେପଚ୍ଛା ଲୋକମାନେ ସୁସମାଚାର ଶୁଣିବାକୁ ଆଗ୍ରହ ପ୍ରକାଶ କରିଅଛନ୍ତି । ଜୋରେଥଙ୍ଗ କାର୍ଯ୍ୟକ୍ଷେତ୍ରରେ ଆତ୍ମା ଲାଭ କରିବା ନିମନ୍ତେ ୧୯ ଜଣ ଯୁବବନ୍ଧୁ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଅଛନ୍ତି । ସୁସମାଚାର ଶୁଣିଥିବା ୨୭୭ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୩୩ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ନୂତନ ବିଶ୍ୱାସୀ ସାଙ୍ଗଗେୟେ ଲେପଚ୍ଛା ଏବଂ ତାଙ୍କର ପରିବାରର ସାକ୍ଷ୍ୟ ମାଧ୍ୟମରେ ଅନେକ ଲୋକମାନେ ଯେପରି ଧାର୍ମିକତା ପଥ ଅବଲମ୍ବନ କରିବେ, ନୂତନ ଭାବରେ ଉପାସନା ଦଳରେ ଯୋଗ ଦେଉଥିବା ୫ ଗୋଟି ପରିବାର ଯେପରି ପରମେଶ୍ୱରଙ୍କ ପ୍ରେମରେ ଶକ୍ତିଯୁକ୍ତ ହେବେ, ମୁତ୍ରାଶୟରେ ସୃଷ୍ଟି ହୋଇଥିବା ଆବୁ କାଢ଼ିବା ନିମନ୍ତେ ଆସ୍ତ୍ରୋପ୍ରଚାରର ସମ୍ମୁଖିନ ହେବାକୁ ଯାଉଥିବା କାର୍ଯ୍ୟକାରୀ ନବୀନ ଦର୍ଜୀଙ୍କ ସହଧର୍ମିଣୀ ପ୍ରଶେଲ୍ଲାଦର୍ଜୀଙ୍କ ନିମନ୍ତେ ତଥା ନିଛଗାଁ ଓ ସିମାନା ଗ୍ରାମର ଲୋକମାନଙ୍କର ଅନ୍ତରରେ ବପନ କରାଯାଉଥିବା ବାକ୍ୟରୂପୀ ବୀଜ ଫଳପ୍ରଦ ହେବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୧୬. ଆସାମ
## କାର୍ଯ୍ୟକ୍ଷେତ୍ର - ୫୫

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୭ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ଲୋପଙ୍ଗୋତଲ୍ଲା ଗ୍ରାମରେ ଉପାସନା ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ରାଜପୁର ଗ୍ରାମର ଲୋକମାନଙ୍କର ଆଧ୍ୟାତ୍ମିକ ଆବଶ୍ୟକତାକୁ ପୁରଣ କରିବା ନିମନ୍ତେ ନୂତନ ବିଶ୍ୱାସୀ ସୋକୋଲ ସୋରେନଙ୍କ ପରିବାରରେ ବିଶ୍ୱାସୀ ସହଭାଗିତା ଆରମ୍ଭ ହୋଇଅଛି । ଉତ୍ତରପୁରୀ ଗ୍ରାମରେ ପ୍ରଥମଥର ୧୬ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ସୁସମାଚାର ଶୁଣିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ମଦ୍ୟପାନରେ ଆସକ୍ତ ଏବଂ ନିଯୁକ୍ତି ବିନା ଜୀବନ ଅତିବାହିତ କରୁଥିବା ଅକ୍ୱିପୁରୀ ଗ୍ରାମର ଲୋକମାନଙ୍କର ନିମନ୍ତେ, ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା ଯୋଗୁଁ ପ୍ରତିବନ୍ଧକର ସମ୍ମୁଖିନ ହେଉଥିବା ସୋହରପୁର ଗ୍ରାମର ୫ ଗୋଟି ପରିବାରର ସୁରକ୍ଷା ନିମନ୍ତେ, ତକରଚୁର କାର୍ଯ୍ୟକ୍ଷେତ୍ରରେ ନିର୍ମାଣାଧିନ ଉପାସନା ଗୃହର ନିର୍ମାଣ କାର୍ଯ୍ୟର ସମାପ୍ତି ପାଇଁ ତଥା ଢ଼ୋଲପୁରୀ ଗ୍ରାମର ଉପାସନା ଦଳ ବିରୁଦ୍ଧରେ ଉଠିଥିବା ମୋଜିତଙ୍କର ମନପରିବର୍ତ୍ତନ ପାଇଁ ପ୍ରାର୍ଥନା କରନ୍ତୁ ।

## ୧୭. ମଣିପୁର
## କାର୍ଯ୍ୟକ୍ଷେତ୍ର - ୬୭

*ପ୍ରଶଂସା କରନ୍ତୁ...* ସମରରାମ କାର୍ଯ୍ୟକ୍ଷେତ୍ର ନିବାସୀ ଭଉଣୀ ସୁନ୍ନାଙ୍କ ବାସଭବନ ଏକ ବାଇବଲ ଅଧ୍ୟୟନ କେନ୍ଦ୍ର ପରିଣତ ହୋଇଅଛି । ସେବାକାର୍ଯ୍ୟର ବିରୁଦ୍ଧରେ ଉଠିଥିବା ଲମଜାଓ ଗ୍ରାମର ୫ ଗୋଟି ପରିବାର ପରମେଶ୍ୱରଙ୍କ ପ୍ରେମକୁ ଆସ୍ୱାଦନ କରିଅଛନ୍ତି । ୧୦୫ ଗୋଟି ଗ୍ରାମରେ ସତ୍ୟାନ୍ୱେଷଣ ସଭା ଅନୁଷ୍ଠିତ ହୋଇଥିଲା ଯଦ୍ୱାରା ୫୨୫ ଜଣ ବ୍ୟକ୍ତି ସୁସମାଚାର ଶୁଣିବା ନିମନ୍ତେ ସୁଯୋଗ ପାଇଅଛନ୍ତି । ଏହି ରାଜ୍ୟର ୨ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ନୂତନ ଭାବରେ ଉପାସନା ଦଳରେ ଯୋଗ ଦେଇଥିବା ୩୫ ଜଣ ବ୍ୟକ୍ତିଙ୍କର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ, ସଂମ୍ପ୍ରଦାୟକ ହିଂସା ଯୋଗୁଁ ନିଜର ପରିବାର ଓ ଉପକରଣ ହରାଇଥିବା ପରିବାର ଗୁଡ଼ିକର ଭବିଷ୍ୟତ ନିମନ୍ତେ, ବିପର୍ଯ୍ୟୟ ସମୟରେ ୬ ଗୋଟି କାର୍ଯ୍ୟକ୍ଷେତ୍ରରେ ଧ୍ୱସଂ ହୋଇଯାଇଥିବା ଉପାସନା ଗୃହ ଗୁଡ଼ିକରେ ନୂତନୀ କରଣ ପାଇଁ, ସୁସମାଚାର ନିମନ୍ତେ ଆଗ୍ରହ ପ୍ରକାଶ କରିଥିବା ଓମ୍‌ଙ୍ଗବଲ ଓ ହେଇରେକ ଗ୍ରାମର ଲୋକମାନଙ୍କର ଆଧ୍ୟାତ୍ମିକ ବୃଦ୍ଧି ନିମନ୍ତେ ତଥା ଚେକଚାମ ଗ୍ରାମର ଲୋକମାନେ ଯେପରି ଏକତାର ସହିତ ବସବାସ କରିବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୧୮. ତ୍ରିପୁରା
## କାର୍ଯ୍ୟକ୍ଷେତ୍ର - ୧୦୨

ପ୍ରଶଂସା କରନ୍ତୁ... ଏହି ରାଜ୍ୟ ଅନ୍ତର୍ଗତ ଶୁମାରିଆ ଗ୍ରାମର ଉପାସନା ଦଳରେ ୩ ଗୋଟି ନୂତନ ପରିବାର ଯୋଗ ଦେଇଅଛନ୍ତି । ଭାଇ ବିଶୁଲକ୍ଷ୍ମୀ ପ୍ରାର୍ଥନା ଦ୍ୱାରା ପରିଚାଳିତ ହେଉଅଛନ୍ତି । ବୀରରତ୍ନକାମୀ ଗ୍ରାମର ସୁସମାଚାର କାର୍ଯ୍ୟ ନିମନ୍ତେ ନୂତନ ବିଶ୍ୱାସୀ ବ୍ରଜମଣି ଏକ ଶାନ୍ତି ରୂପକ ପାତ୍ର ହୋଇଅଛନ୍ତି । ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଥିବା ଏହି ରାଜ୍ୟର ୩୮ ଜଣ ବ୍ୟକ୍ତି ପରମେଶ୍ୱରଙ୍କର ଗୌରବ କରୁଅଛନ୍ତି ।

ପ୍ରାର୍ଥନା କରନ୍ତୁ... ପରମେଶ୍ୱରଙ୍କର ଗୌରବ ନିମନ୍ତେ ଉପାସନା ଗୃହ ଉତ୍ସର୍ଗ କରାଯାଇଥିବା ୪ ଗୋଟି ଗ୍ରାମରେ ସାମାଜିକ ଉନ୍ନୟନ ପରିକଳ୍ପନ ଆରମ୍ଭ କରିବା ନିମନ୍ତେ, ନିଶା ସେବନରେ ଆସକ୍ତ ଦବୋଇ କୋବ୍ରା ଗ୍ରାମର ଯୁବବନ୍ଧୁ ମାନଙ୍କର ଉଦ୍ଧାର ନିମନ୍ତେ, ଆପଣା ବିଶ୍ୱାସମତ୍ତ ସ୍ୱିକାର କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ୪୬ ଜଣ ବ୍ୟକ୍ତିଙ୍କର ପାଇଁ, ଉଦୟପୁର ସୁସମାଚାର କେନ୍ଦ୍ରରେ ବିଶେଷ ବାଇବଲ ଶିକ୍ଷା ପ୍ରଦାନ କରିବା ନିମନ୍ତେ ତଥା ଦୁଲକାଇ ଓ ନାମନଜୟ ଗ୍ରାମରେ ପ୍ରଥମଥର ସୁସମାଚାର ଶୁଣିଥିବା ବ୍ୟକ୍ତିମାନଙ୍କର ମନପରିବର୍ତ୍ତନ ପାଇଁ ପ୍ରାର୍ଥନା କରନ୍ତୁ ।

## ୧୯. ଓଡ଼ିଶା – ଗଞ୍ଜାମ ଜିଲ୍ଲା — କାର୍ଯ୍ୟକ୍ଷେତ୍ର – ୫୮

*ପ୍ରଶଂସା କରନ୍ତୁ...* ଏହି ଜିଲ୍ଲା ଅନ୍ତର୍ଗତ ଘନସାଗର ଗ୍ରାମର ଭାଇ ମୋନୁ ଗମାଙ୍ଗୋଙ୍କ ପରିବାର ସ୍ୱତପ୍ରବୃତ୍ତ ଭାବରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା କରୁଅଛନ୍ତି । ନିଜର ବିଶ୍ୱାସମତ୍ତ ସ୍ୱିକାର କରିଥିବା ୧୪ ଜଣ ବ୍ୟକ୍ତି ଦେବଗିରୀ ଗ୍ରାମର ଉପାସନା ଦଳରେ ଯୋଗ ଦେଇଅଛନ୍ତି । ଭାରିଆମର ଓ ସିନ୍ଦୁରବେଡ଼ା ଗ୍ରାମରେ ଅନୁଷ୍ଠିତ ବିଶ୍ୱବାଣୀ ଗ୍ରଷ୍ମକାଳୀନ ବାଇବଲ ସ୍କୁଲ ସମାପ୍ତ ହେଲା ପରେ ଆମ୍ଭେମାନେ ନୂତନ ଲୋକମାନଙ୍କୁ ସେବାକାର୍ଯ୍ୟ ପାଇଁ ଲାଭ କରିଅଛୁ । ସୁସମାଚାର ପତ୍ରିକା ପଢ଼ିବା ପରେ ଆବେଡ଼ ଗ୍ରାମର ଲୋକମାନେ ସେବାକାର୍ଯ୍ୟ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ବୀରସାହି ଗ୍ରାମର ବିଶ୍ୱାସୀମାନଙ୍କର ନିମନ୍ତେ ଆବଶ୍ୟକ ହେଉଥିବା ଶୁଦ୍ଧ ପାନୀୟ ଜଳ ନିମନ୍ତେ, କର୍କଟ ରୋଗରେ ଆକ୍ରାନ୍ତ ସେଙ୍ଗୁ ଗ୍ରାମର ପାର୍ବତୀ ଶବରଙ୍କ ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ, ରାଜପୁର ଗ୍ରାମରେ ନିର୍ମାଣାଧିନ ଉପାସନା ଗୃହର ନିର୍ମାଣ କାର୍ଯ୍ୟର ସମାପ୍ତ ପାଇଁ ଏବଂ ଉତ୍ସର୍ଗ ପାଇଁ କରାଯାଉଥିବା ସମସ୍ତ ପ୍ରସ୍ତୁତି ନିମନ୍ତେ ତଥା ନିଜର ମାଁଙ୍କର ମୃତ୍ୟୁ ବିୟୋଗରେ କଷ୍ଟ ପାଉଥିବା କାର୍ଯ୍ୟକାରୀ ସିଫନିୟ ଭୂୟାଁ ଓ ତାଙ୍କର ପରିବାରର ଶାନ୍ତି ଓ ସାନ୍ତ୍ୱନା ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୨୦. ଓଡ଼ିଶା – ହୋ ଏବଂ ସାନ୍ତାଳୀ ଭାଷା — କାର୍ଯ୍ୟକ୍ଷେତ୍ର – ୫୮

*ପ୍ରଶଂସା କରନ୍ତୁ...* କୋଲହାବେଡ଼ା ଏବଂ ଗୋବରାଘାଟି ଗ୍ରାମରେ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇଅଛି । ନୂତନ ଉପାସନା ଗୃହ ପ୍ରାପ୍ତ ହେବା ପରେ ବାଇଦବାଜା ଗ୍ରାମର ବିଶ୍ୱାସୀମାନେ ସୁସମାଚାର ପ୍ରଚାର କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଆଗ୍ରହ ପ୍ରକାଶ କରିଅଛନ୍ତି । ନାଲବିଲ ଗ୍ରାମର ସୁସମାଚାର କାର୍ଯ୍ୟର ବିରୁଦ୍ଧରେ ଉଠିଥିବା ଲୋକମାନେ ମନପରିବର୍ତ୍ତନ କରିଅଛନ୍ତି । ପ୍ରଭୁ ଯୀଶୁ ଉଦ୍ଧାରକର୍ତ୍ତା ଅଟନ୍ତି ବୋଲି ଏହି ଲୋକଦଳର ୧୫ ଜଣ ବ୍ୟକ୍ତି ସ୍ୱିକାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ଆଗେଇ ଆସିଥିବା ଯୁବବନ୍ଧୁ ମାନଙ୍କର ନିମନ୍ତେ, ୮ ଗୋଟି କାର୍ଯ୍ୟକ୍ଷେତ୍ରରେ ନିର୍ମାଣାଧିନ ଉପାସନା ଗୃହର ନିର୍ମାଣ କାର୍ଯ୍ୟର ସମାପ୍ତ ପାଇଁ, ଶ୍ରୀଚନ୍ଦନପୁର ଏବଂ ନଟିଆ ଗ୍ରାମରେ ପରମେଶ୍ୱରଙ୍କ ବାକ୍ୟ ଶୁଣିଥିବା ଲୋକମାନେ ଯେପରି ଖ୍ରୀଷ୍ଟଙ୍କଠାରେ ନୂତନୀକୃତ ହେବେ ତଥା ୧୨ ଗୋଟି ପରିବାର ଯେପରି ଖ୍ରୀଷ୍ଟଙ୍କଠାରେ ଶକ୍ତିଯୁକ୍ତ ହେବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୨୧. ଓଡ଼ିଶା – ସମ୍ବଲପୁରୀ ଭାଷା — କାର୍ଯ୍ୟକ୍ଷେତ୍ର – ୩୦

*ପ୍ରଶଂସା କରନ୍ତୁ...* ବରପାଲି ତହସିଲ ଅନ୍ତର୍ଗତ ୫ ଗୋଟି ନୂତନ ଗ୍ରାମରେ ସେବାକାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ସକ୍ଷମ କରିଅଛନ୍ତି । ସମ୍ବଲପୁରୀ ଭାଷାବାଦୀ ଲୋକମାନଙ୍କର ମଧ୍ୟରେ ସୁସମାଚାର ଘୋଷଣା କରିବା ନିମନ୍ତେ ୨୦ ଜଣ ଯୁବବନ୍ଧୁ ଆଗେଇ ଆସିଅଛନ୍ତି । ଉପାସନା ଗୃହ ନିର୍ମାଣ ନିମନ୍ତେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ପରମାନପୁର ଗ୍ରାମର ବିଶ୍ୱାସୀମାନେ ଜମି ପ୍ରସ୍ତୁତ କରିଅଛନ୍ତି । ଏହି ଭାଷାର ୮ ଜଣ ବ୍ୟକ୍ତି ପାପ ସ୍ୱିକାର କରି ଖ୍ରୀଷ୍ଟଙ୍କଠାରେ ନିଜର ନୂତନ ବିଶ୍ୱାସ ସୁନିଶ୍ଚିତ କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ବିଶ୍ୱାସୀମାନଙ୍କର ସଂଖ୍ୟା ବୃଦ୍ଧି ହେଉଥିବା ଟୁକୁର ଗ୍ରାମରେ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ଆବଶ୍ୟକ ହେଉଥିବା ଜମି କିଣିବା ପାଇଁ, ନିର୍ଯ୍ୟାତନାର ସମ୍ମୁଖିନ ହେଉଥିବା ଗୁରୁପଡ଼ା ଗ୍ରାମର ବିଶ୍ୱାସୀ ମାନଙ୍କର ସହିତ ପରମେଶ୍ୱରଙ୍କ ଉପସ୍ଥିତି ଯେପରି ସର୍ବଦା ଲାଗି ରହିବ ସାଲେଡ଼ି ଓ ରେଙ୍ଗାଲି ଗ୍ରାମର ଉପାସନା ଦଳ ନିମନ୍ତେ ଆବଶ୍ୟକ ବାଦ୍ୟଯନ୍ତ୍ର ନିମନ୍ତେ ତଥା ୫ ଜଣ କାର୍ଯ୍ୟକାରୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ସାଇକେଲ ପାଇଁ ପ୍ରାର୍ଥନା କରନ୍ତୁ ।

## ୨୨. ଛତିଶଗଡ଼ - ଚମ୍ପା — କାର୍ଯ୍ୟକ୍ଷେତ୍ର - ୫୧

*ପ୍ରଶଂସା କରନ୍ତୁ...* ସୁସମାଚାର ଶୁଣିବା ପରେ ଏହି ରାଜ୍ୟ ନିବାସୀ ଭାଇ ରାକେଶ ମଦ୍ୟପାନରୁ ସଂପୂର୍ଣ୍ଣ ଭାବରେ ନିବୃତ୍ତ ହୋଇଅଛନ୍ତି । ମାନସିକ ରୋଗରୁ ଯୁବଭାଇ ମୋହନ ରତ୍ରେ ସଂପୂର୍ଣ୍ଣ ସୁସ୍ଥତା ଲାଭ କରିଅଛନ୍ତି । ଡ଼ାଙ୍ଗବୁଡ଼ା ଗ୍ରାମର କୁରୁକ ଲୋକମାନଙ୍କର ନିମନ୍ତେ ଅନୁଷ୍ଠିତ ହୋଇଥିବା ମେଳା ଯୋଗୁଁ ନୂତନ ଲୋକମାନଙ୍କର ସହିତ ଯୋଗସୂତ୍ର ସ୍ଥାପନ ହୋଇଅଛି । ଏହି ରାଜ୍ୟର ୨୩ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ମନ୍ଦଶକ୍ତିର କବଳରେ ରହିଥିବା ଭଉଣୀ ମାଧବୀଙ୍କର ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ, ଟିଲାଇ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ଯୁବ ଶିବିରର ଅନୁଧାବନ କାର୍ଯ୍ୟ ନିମନ୍ତେ, ଭଇମ୍ପା ଗ୍ରାମରେ ମଦ୍ୟପାନ ଓ ନିଶା ସେବନରେ ଆସକ୍ତ ପରିବାର ଗୁଡ଼ିକର ଉଦ୍ଧାର ନିମନ୍ତେ ତଥା ଗ୍ଭରଭଟ୍ଟି ଓ ମାଧପୁର ଗ୍ରାମରେ ଉପାସନା ଦଳ ଗଠନ କରିବା ନିମନ୍ତେ କରାଯାଉଥିବା ସମସ୍ତ ପରିଶ୍ରମ ଫଳପ୍ରଦ ହେବା ପାଇଁ ପ୍ରାର୍ଥନା କରନ୍ତୁ ।

## ୨୩. ଛତିଶଗଡ଼ - ରାଇପୁର — କାର୍ଯ୍ୟକ୍ଷେତ୍ର - ୨୨

*ପ୍ରଶଂସା କରନ୍ତୁ...* ସୁସମାଚାର ଶୁଣିବା ପରେ ଏହି ରାଜ୍ୟର ଯୁବ ଭାଇ ଦିନେଶ ମଦ୍ୟପାନକୁ ସଂପୂର୍ଣ୍ଣ ଭାବରେ ବର୍ଜନ କରିଅଛନ୍ତି । ସେରିଖିଡ଼ୀ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ପଥପ୍ରାନ୍ତ ସୁସମାଚାର କାର୍ଯ୍ୟ ଦ୍ୱାରା ୯୦ ଜଣ ବ୍ୟକ୍ତି ଉପକୃତ ହୋଇଅଛନ୍ତି । ଏହି ରାଜ୍ୟର ୫ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ସୁସମାଚାର ଦ୍ୱାରା ନୂତନ ବିଶ୍ୱାସୀ ତିଲକ ଏବଂ ପ୍ରମିଳା ନୂତନ ଭରସା ପ୍ରାପ୍ତ ହୋଇଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ବିଜୟ ବିଶ୍ୱକର୍ମାଙ୍କୁ ପରମେଶ୍ୱର ଯେପରି ନିଶା ସେବନରୁ ଉଦ୍ଧାର କରିବେ, ଗୁଲୁ ଗ୍ରାମରେ ଉପାସନା ଗୃହ ନିର୍ମାଣ କରିବା ପାଇଁ ଜମି ପ୍ରସ୍ତୁତ କରିବା ନିମନ୍ତେ, ନିଜର ୩୦ବର୍ଷିୟ ପୁଅର ମୃତ୍ୟୁ ବିୟୋଗରେ ଯନ୍ତ୍ରଣା ପାଉଥିବା ଭାଇ କୋମଳ ସାହୁ ଓ ତାଙ୍କର ପରିବାରର ଶାନ୍ତି ଓ ସାନ୍ତ୍ୱନା ତଥା ରାଇପୁର ଜିଲ୍ଲାରେ ପରିଚାଳିତ ୮୭୧ ଗୋଟି ବାଇବଲ ଅଧ୍ୟୟନ ଦଳ ଯେପରି ଉପାସନା ଦଳରେ ପରିବର୍ତ୍ତନ ହେବ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୨୪. ମଧ୍ୟପ୍ରଦେଶ — କାର୍ଯ୍ୟକ୍ଷେତ୍ର - ୫୪

*ପ୍ରଶଂସା କରନ୍ତୁ...* ବିନାବସ୍ତି ଗ୍ରାମରେ ପରିଚାଳିତ ବିଶ୍ୱାସୀ ସହଭାଗିତାରେ ୩ ଗୋଟି ନୂତନ ପରିବାର ଯୋଗ ଦେଇଅଛନ୍ତି । ମନ୍ଦଶକ୍ତିର କବଳରୁ ଉଦ୍ଧାର ପ୍ରାପ୍ତ ହୋଇଥିବା ଭାଇ ସନ୍ତୋଷ ବର୍ତ୍ତମାନ ଖ୍ରୀଷ୍ଟଙ୍କ ସାକ୍ଷ୍ୟ ବହନ କରୁଅଛନ୍ତି । ଏକଦା ସୁସମାଚାର କାର୍ଯ୍ୟର ବିରୁଦ୍ଧରେ ଉଠିଥିବା ଭାଇ ଦିନେଶ ପରିତ୍ରାଣର ଆନନ୍ଦ ଲାଭ କରିବା ପରେ ସେବାକାର୍ଯ୍ୟର ସହଯୋଗ କରୁଅଛନ୍ତି । ଦୀର୍ଘ ୫ ବର୍ଷର ପ୍ରାର୍ଥନା ପରେ ପରମେଶ୍ୱର ଭଉଣୀ ନିଧିଙ୍କ ପରିବାରକୁ ଏକ ଶିଶୁ ସନ୍ତାନ ଦ୍ୱାରା ଆଶିର୍ବାଦ କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ନିଶା ସେବନରେ ଆସକ୍ତ ଭାଇ ଗଣେଷଙ୍କ ଉଦ୍ଧାର ପାଇଁ, ଆଲି ଗ୍ରାମରେ ସୁସମାଚାର ଶୁଣିଥିବା ଲୋକମାନଙ୍କର ମନପରିବର୍ତ୍ତନ ନିମନ୍ତେ, ସେବାକାର୍ଯ୍ୟର ବିରୁଦ୍ଧରେ ଉଠିଥିବା ଭାଇ ମୋହନଙ୍କର ମନପରିବର୍ତ୍ତନ ପାଇଁ ତଥା ଭୋପାଲ ସହରକୁ ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ଆଗେଇ ଆସିଥିବା ୨୦ ଜଣ ଯୁବବନ୍ଧୁଙ୍କର ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୨୫. ଗୁଜୁରାଟ - ଅହମ୍ମଦାବାଦ — କାର୍ଯ୍ୟକ୍ଷେତ୍ର - ୪୭

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ଦାହୋଡ଼ ଜିଲ୍ଲାରୁ ୧୨ ଜଣ ଯୁବବନ୍ଧୁ ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ଆଗେଇ ଆସିଅଛନ୍ତି । ଖାରିବେଦୀ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠିତ ଯୁବ ଶିବିରରେ ୧୫୦ ଜଣ ଯୁବବନ୍ଧୁ ଯୋଗ ଦେଇଥିଲେ । ଭିଲ୍ଲୀ ଲୋକଦଳ ମଧ୍ୟରେ ଖୋଲାଯାଉଥିବା ୩ ଗୋଟି ନୂତନ କାର୍ଯ୍ୟକ୍ଷେତ୍ରରେ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପରମେଶ୍ୱର ଶାନ୍ତି ରୂପକ ପାତ୍ର ପ୍ରଦାନ କରିଅଛନ୍ତି । ଏହି ରାଜ୍ୟର ୩ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଖାରବାନୀ, ଚୁଗାସ ଓ ଭାଗହୋଲ କାର୍ଯ୍ୟକ୍ଷେତ୍ରରେ ନିର୍ମାଣାଧିନ ଉପାସନା ଗୃହ ନିର୍ମାଣ କାର୍ଯ୍ୟର ସମାପ୍ତି ପାଇଁ, ୧୦ ବର୍ଷ ଅତିକ୍ରମ କରିଥିବା ଭୀମଖୋର କାର୍ଯ୍ୟକ୍ଷେତ୍ରସ୍ଥିତ ମଣ୍ଡଳୀର ବିଶ୍ୱାସୀମାନେ ଯେପରି ପଡ଼ୋଶୀ ଗ୍ରାମ ଗୁଡ଼ିକରେ ସୁସମାଚାର ଘୋଷଣା କରିବା ନିମନ୍ତେ ଆଗେଇ ଆସିବେ, କ୍ଷେତ୍ର ସର୍ବେକ୍ଷଣ ମାଧ୍ୟମରେ ଚିହ୍ନଟ କରାଯାଇଥିବା ୩୦ ଗୋଟି ଗ୍ରାମ ପାଇଁ ଆବଶ୍ୟକ ହେଉଥିବା ନୂତନ କାର୍ଯ୍ୟକାରୀ ମାନଙ୍କର ନିମନ୍ତେ ତଥା ଶବରକଣ୍ଠା ଓ୍ୱେବ୍‌କେନ୍ଦ୍ର ଅନ୍ତର୍ଗତ ଗ୍ରାମ ଗୁଡ଼ିକରେ କାର୍ଯ୍ୟକରୁଥିବା କାର୍ଯ୍ୟକାରୀମାନଙ୍କୁ ପରମେଶ୍ୱର ଯେପରି ସମସ୍ତ ପ୍ରକାରର ପ୍ରତିବନ୍ଧକରୁ ସୁରକ୍ଷା କରିବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

## ୨୬. ଗୁଜୁରାଟ - ନର୍ମଦା ଜିଲ୍ଲା — କାର୍ଯ୍ୟକ୍ଷେତ୍ର - ୧୪୩

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ ମସକୁଟ ଗ୍ରାମରେ ଏକ ବିଶ୍ୱାସୀ ସହଭାଗିତା ଗଠନ କରାଯାଇଅଛି । ଏହି ରାଜ୍ୟର ୨୩ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ଧନକ୍ଷେତ୍ରର ଗ୍ରାମର ସେବାକାର୍ଯ୍ୟ ନିମନ୍ତେ ରମେଶ ଭାଇଙ୍କର ପରିବାର ଏକ ଶାନ୍ତିରୂପକ ପାତ୍ର ହୋଇଅଛନ୍ତି । ଶିବା ଭାଇ ଏବଂ ଇତିଶ ଭଉଣୀଙ୍କ ପରିବାରକୁ ପରମେଶ୍ୱର ମନ୍ଦଶକ୍ତିର କବଳରୁ ସଂପୂର୍ଣ୍ଣ ଭାବରେ ଉଦ୍ଧାର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ପକ୍ଷାଘାତ ରୋଗରେ ଆକ୍ରାନ୍ତ ପରେଶ ଭାଇ ଏବଂ ସଞ୍ଜୟ ଭାଇଙ୍କ ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ, ଏହି ରାଜ୍ୟର ୬ ଗୋଟି କାର୍ଯ୍ୟକ୍ଷେତ୍ରରେ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ଜମିର ନଥିପତ୍ର ପ୍ରସ୍ତୁତ ଓ ସରକାରୀ ଅନୁମତି ନିମନ୍ତେ, କ୍ଷେତ୍ର ସର୍ବେକ୍ଷଣ ମାଧ୍ୟମରେ ଚିହ୍ନଟ କରାଯାଇଥିବା ୩୬ ଗୋଟି ଗ୍ରାମକୁ କାର୍ଯ୍ୟକାରୀ ପ୍ରେରଣ କରିବା ନିମନ୍ତେ ତଥା ଚିକଡ଼ା, ଦେବଜୀ ଫଳିଆ, ହୋଲିଆମଲି ଓ ଉଦଉ ଗ୍ରାମରେ ଉପାସନା ଦଳ ଗଠନ କରିବା ପାଇଁ କରାଯାଉଥିବା ସମସ୍ତ ପରିଶ୍ରମ ଫଳପ୍ରଦ ହେବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୨୭. ମହାରାଷ୍ଟ୍ର — କାର୍ଯ୍ୟକ୍ଷେତ୍ର - ୮୭

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ନିବାସୀ ଆମର ନୂତନ ବିଶ୍ୱାସୀ ଭାଇ ଶିବ ଦାସ ଓ ଭଉଣୀ ପ୍ରିତିମ୍ମାବାଇଙ୍କ ଶୁଖିଲା ଜମିରେ ପ୍ରାର୍ଥନା ଦ୍ୱାରା ନଳକୂପ ଖୋଳିବାରୁ ଜଳ ସ୍ରୋତ ଦୃତ ଗତିରେ ନିର୍ଗତ ହୋଇଅଛି । ଖାନ୍ଦପୁର ଏବଂ ଖାଡ଼ଖେଦ ଗ୍ରାମର ୬ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ସେନେଗାଁ ଗ୍ରାମର ଉପାସନା ଦଳରେ ନୂତନ ଲୋକମାନେ ଯୋଗ ଦେଉଅଛନ୍ତି । ଉର୍ଦ୍ଧ ଶିକ୍ଷା ନିମନ୍ତେ ସୁଯୋଗ ଲାଭ କରିଥିବା ମନୋରମା ଓ ସ୍ମୃତି ଭୂୟାରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା କରୁଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ଦୀର୍ଘ ୮ ବର୍ଷ ପକ୍ଷାଘାତ ରୋଗରେ ଆକ୍ରାନ୍ତ ମଧୁକରଙ୍କର ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ, ଚିଖାଲପଡ଼ା ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶ୍ୱାସମତ୍ତ ସ୍ୱିକାରୋକ୍ତି ସଭାର ସମସ୍ତ ପ୍ରସ୍ତୁତି ନିମନ୍ତେ, ନନ୍ଦୁରୱାର ଏବଂ ଚନ୍ଦ୍ରପୁର ଜିଲ୍ଲାରେ ହେବାକୁ ଯାଉଥିବା କ୍ଷେତ୍ର ସର୍ବେକ୍ଷଣ କାର୍ଯ୍ୟ ନିମନ୍ତେ ତଥା ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା ଯୋଗୁଁ ପରିବାର ବର୍ଗଙ୍କଠାରୁ ନିର୍ଯ୍ୟାତିତ ହେଉଥିବା ନୂତନ ବିଶ୍ୱାସୀ ଭଉଣୀ ଅନୁସାୟା ବାଇଙ୍କର ସୁରକ୍ଷା ଓ ଦୃଢ଼ ବିଶ୍ୱାସ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୨୮. ତେଲେଙ୍ଗାନା - ହନ୍ନମ୍ମାକୋଣ୍ଡା — କାର୍ଯ୍ୟକ୍ଷେତ୍ର - ୨୯

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୩ ଜଣ ଯୁବବନ୍ଧୁ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରି ପୂର୍ଣ୍ଣ ସମୟକାଳୀନ ସୁସମାଚାର କାର୍ଯ୍ୟ ନିମନ୍ତେ ଆଗେଇ ଆସିଅଛନ୍ତି । ନିର୍ମଳ ଜିଲ୍ଲାର ୫ ଗୋଟି ଗ୍ରାମକୁ ସୁସମାଚାର କାର୍ଯ୍ୟ ନିମନ୍ତେ ଚିହ୍ନଟ କରାଯାଇଅଛି । ସୁସମାଚାର ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିବା ଲୋକମାନଙ୍କର ନିମନ୍ତେ ସେମାନଙ୍କର ଗ୍ରାମ ଶଙ୍କରଗିରି ଥଣ୍ଡା ଓ ଆଶାପଲ୍ଲୀ ଗ୍ରାମରେ ବାଇବେଲ ଅଧ୍ୟୟନ ଦଳ ଗଠନ କରାଯାଇଅଛି । ସାଇ ନଗର ଗ୍ରାମରେ ସୁସମାଚାର ଘୋଷଣା କରିବା ନିମନ୍ତେ ସୃଷ୍ଟି ହୋଇଥିବା ସମସ୍ତ ପ୍ରତିବନ୍ଧକକୁ ପରମେଶ୍ୱର ସଂପୂର୍ଣ୍ଣ ଭାବରେ ଦୂର କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ପକ୍ଷାଘାତ ରୋଗରେ ପିଡ଼ୀତ ଆମର କାର୍ଯ୍ୟକାରୀ ଜି. ସୁଦରସନ ଓ ମସ୍ତିସ୍କରେ ସୃଷ୍ଟି ହୋଇଥିବା ଆବୁ ଯୋଗୁଁ ଯନ୍ତ୍ରଣା ପାଉଥିବା ଆମର ଆଉ ଜଣେ କାର୍ଯ୍ୟକାରୀ ବାବୁ ରାଓଙ୍କ ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ, ଆଦିଲ୍ଲବାଦ ଜିଲ୍ଲାର ସେବାକାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ୫ ଗୋଟି ଡ଼ାକବାଜୀ ଯନ୍ତ୍ର ଓ ୨ ଗୋଟି ମଟର ସାଇକେଲ ନିମନ୍ତେ, ଇଚ୍ଛୋଡ଼ା ଓ ପଶୁଗୁଦେମ ଗ୍ରାମରେ ଆତ୍ମା ଲାଭ କରିବା ପାଇଁ ତଥା ବିଶ୍ୱାସୀମାନଙ୍କର ସଂଖ୍ୟା ବୃଦ୍ଧି ପ୍ରାପ୍ତ ହେଉଥିବା ଥାଡ଼ିହାଟନୁର ଏବଂ ପୁଟାଗୁଦେମ ଗ୍ରାମରେ ଉପାସନା ଗୃହ ନିର୍ମାଣ କରିବା ପଇଁ ପ୍ରାର୍ଥନା କରନ୍ତୁ ।

## ୨୯. ତେଲେଙ୍ଗାନା- ହାଇଦ୍ରାବାଦ — କାର୍ଯ୍ୟକ୍ଷେତ୍ର - ୪୭

*ପ୍ରଶଂସା କରନ୍ତୁ...* ନାରାୟଣ ପେଟା ଗ୍ରାମର ୪ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସମତ୍ତ ସ୍ୱିକାର କରିଅଛନ୍ତି । ନାଗର କୁରନୁଲ ଜିଲ୍ଲାର ୫ ଗୋଟି ଗ୍ରାମକୁ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିହ୍ନଟ କରାଯାଇଅଛି । ଚେନ୍ନାମପଲ୍ଲୀ ଗ୍ରାମରେ ଉପାସନା ଗୃହ ନିର୍ମାଣ କରିବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ସକ୍ଷମ କରିଅଛନ୍ତି । ବିଶ୍ୱାସୀ ଭାଇ ରାମଭତ ନିଜର ଜମିକୁ ଉପାସନା ଗୃହ ନିର୍ମାଣ କରିବା ପାଇଁ ପରମେଶ୍ୱରଙ୍କ ଠାରେ ଉତ୍ସର୍ଗ କରିଅଛନ୍ତି ।

*ପ୍ରାର୍ଥନା କରନ୍ତୁ...* ନରସାଇପଲ୍ଲୀ ଗ୍ରାମରେ ଗଠନ କରାଯାଇଥିବା ବାଇବଲ ଅଧ୍ୟୟନ ଦଳରେ ଯେପରି ନୂତନ ଲୋକମାନେ ଯୋଗ ଦେବେ, ଯାଦାଦ୍ରୀ ଜିଲ୍ଲାର କାର୍ଯ୍ୟକ୍ଷେତ୍ର ଗୁଡ଼ିକ ନିମନ୍ତେ ଆବଶ୍ୟକ ହେଉଥିବା ୧୦୦ ଗୋଟି ବାଇବଲ ନିମନ୍ତେ, କାର୍ଯ୍ୟକାରୀ ୱାଇ. ଭେଲଗାନେୟାଙ୍କର ସେବାକାର୍ଯ୍ୟ ବିରୁଦ୍ଧରେ ଉଠିଥିବା ଲୋକମାନଙ୍କର ମନପରିବର୍ତ୍ତନ ପାଇଁ ତଥା ୩ ଗୋଟି ୱୋବ୍ କେନ୍ଦ୍ରରେ ଅନୁଷ୍ଠିତ ଶିଶୁମାନଙ୍କର କାର୍ଯ୍ୟକ୍ରମର ଅନୁଧାବନ କାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୩୦. ଆନ୍ଧ୍ର ପ୍ରଦେଶ - ମାନ୍ୟାୟ ଜିଲ୍ଲା — କାର୍ଯ୍ୟକ୍ଷେତ୍ର - ୩୮୯

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟ ଅନ୍ତର୍ଗତ କୋଦୁଲଗୁମାଡ଼ା କାର୍ଯ୍ୟକ୍ଷେତ୍ର ନିବାସୀ ଆଲେକ୍ଷ୍ୟ ନିଜର ବାସଭବନ ସୁସମାଚାର କାର୍ଯ୍ୟ ନିମନ୍ତେ ଉନ୍ମୁକ୍ତ କରିଅଛନ୍ତି । ଏହି ରାଜ୍ୟର ୪୬ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ପ୍ରାପ୍ତ ହୋଇଅଛନ୍ତି । ନିଜର ଦୁଇ ଗୋଟି ବୃକକ ନଷ୍ଟ ହୋଇଥିବାରୁ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ସାଇମନଙ୍କୁ ସୁସମାଚାର ଉଦ୍ଧାର କରିଅଛି । ନୂତନ ବିଶ୍ୱାସୀ ଆପ୍ପାରାଓ ଏବଂ କ୍ରିଷ୍ଟାଭନିଙ୍କ ସାକ୍ଷ୍ୟ ମାଧ୍ୟମରେ ଯେପରି ଅନେକ ଲୋକମାନେ ଧାର୍ମିକତାର ପଥ ଅବଲମ୍ବନ କରିବେ ସେଥିପାଇଁ ପ୍ରାର୍ଥନା କରନ୍ତୁ ।

*ପ୍ରାର୍ଥନା କରନ୍ତୁ...* କ୍ଷେତ୍ର ସର୍ବକ୍ଷେଣ ମାଧ୍ୟମରେ ଚିହ୍ନଟ କରାଯାଇଥିବା ୧୪ ଗୋଟି ସ୍ଥାନକୁ କାର୍ଯ୍ୟକାରୀ ପ୍ରେରଣ କରିବା ନିମନ୍ତେ, ବିଶ୍ୱାସୀମାନଙ୍କର ସଂଖ୍ୟା ବୃଦ୍ଧିପ୍ରାପ୍ତ ହେଉଥିବା ୧୩ ଗୋଟି କାର୍ଯ୍ୟକ୍ଷେତ୍ରରେ ଉପାସନା ଗୃହ ନିର୍ମାଣ କରିବା ପାଇଁ ଜମି କିଣିବା ନିମନ୍ତେ, ହୃଦସମସ୍ୟା ଯୋଗୁଁ ଅସ୍ତ୍ରୋପ୍ରଚାର ନିମନ୍ତେ ପ୍ରସ୍ତୁତ ହେଉଥିବା କାର୍ଯ୍ୟକାରୀ ଗୁଜ୍ଜାଲ୍ଲ ସୁରେଶଙ୍କ ପାଇଁ ତଥା ଧନ୍ଦୁଲକ୍ଷ୍ମୀପୁର ଓ ତାଲଭରମ କାର୍ଯ୍ୟକ୍ଷେତ୍ରର ବିଶ୍ୱାସୀମାନଙ୍କ ଆଧ୍ୟାତ୍ମିକ ବୃଦ୍ଧି ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ୩୧. କର୍ଣ୍ଣାଟକ — କାର୍ଯ୍ୟକ୍ଷେତ୍ର - ୪୫

*ପ୍ରଶଂସା କରନ୍ତୁ...* ଏହି ରାଜ୍ୟର ୩ ଜଣ ବ୍ୟକ୍ତି ନିଜର ପାପ ସ୍ୱିକାର କରି ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସ ସୁନିଶ୍ଚିତ କରିଅଛନ୍ତି । ରାଜୋଲ କାର୍ଯ୍ୟକ୍ଷେତ୍ରର ଭାଇ ବିଜୟକୁମାର ମଦ୍ୟପାନରୁ ସଂପୂର୍ଣ୍ଣ ଭାବରେ ମନପରିବର୍ତ୍ତନ କରିଥିବାରୁ ତାଙ୍କର ପରିବାରରେ ଶାନ୍ତି ପ୍ରତିଷ୍ଠା ହୋଇଅଛି । ପାରସୁରମ ଗ୍ରାମରେ ଉପାସନା ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ତାୟାବାନିଙ୍ଗେ ଏବଂ ହନୁମନ୍ତୱାଦି ସୁସମାଚାର କାର୍ଯ୍ୟ ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇଅଛି ।

*ପ୍ରାର୍ଥନା କରନ୍ତୁ...* ଘାଟପାର୍ଥୀ ଗ୍ରାମର ସୁସମାଚାର କାର୍ଯ୍ୟର ବିରୁଦ୍ଧରେ ଉଠିଥିବା ଗୋରନ୍ନା ଏବଂ ତାଙ୍କର ପରିବାରର ପରିତ୍ରାଣ ନିମନ୍ତେ, ବିଶ୍ୱାସରୁ ପଛଘଞ୍ଚା ଦେଇଥିବା ସିଦ୍ଧାରନ୍ନାଙ୍କ ପରିବାରର ପ୍ରତ୍ୟାବର୍ତ୍ତନ ପାଇଁ, ହିରେହାଲ୍ଲୀ ଗ୍ରାମରେ ଉପାସନା ଗୃହନିର୍ମାଣ କରିବା ପାଇଁ ପରମେଶ୍ୱର ଯେପରି ଅନୁମତି ପ୍ରଦାନ କରିବେ ତଥା ଗୋପନ୍ନାହାଲ୍ଲୀ ଏବଂ ଯୋଗିହାଳି କାର୍ଯ୍ୟକ୍ଷେତ୍ରର ବିଶ୍ୱାସୀମାନଙ୍କର ଆଧ୍ୟାତ୍ମିକ ବୃଦ୍ଧି ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ମୋର ହୃଦୟ ଓ ବାସଭବନ ଯୀଶୁଙ୍କର ଅଟେ !

ବିଗତ ଦୁଇ ବର୍ଷ ମୋ ଜୀବନ ନିମନ୍ତେ କେବଳ ଘୋର ଅନ୍ଧକାରର ସମୟ ଥିଲା । ପକ୍ଷାଘାତ ରୋଗ ଯୋଗୁଁ ଶର୍ଯ୍ୟାଗ୍ରସ୍ତ ହୋଇଥିବାରୁ ଦୁଇଜଣ ବ୍ୟକ୍ତିଙ୍କର ସାହାର୍ଯ୍ୟ ସର୍ବଦା ମୁଁ ଆବଶ୍ୟକ କରୁଥିଲି । ବିଶ୍ୱବାଣୀ କାର୍ଯ୍ୟକାରୀ ଆମରଜିତ ପ୍ରାୟତଃ ମଣିପୁର ରାଜ୍ୟର ସେତାପୁର ଗ୍ରାମକୁ ପରିଦର୍ଶନ କରୁଥିଲେ । ସେ ଆମ ସହରର ସମସ୍ତ ଦିଗକୁ ଯାଇଥିବା ରାଜ ରାସ୍ତା ଉପରେ ପରମେଶ୍ୱରଙ୍କ ବାକ୍ୟ ଘୋଷଣା କରୁଥିଲେ । ଗତ ୨୨.୦୨.୨୪ ତାରିଖ ଦିନ ମୁଁ ଅତିଶୟ ଯନ୍ତ୍ରଣା ମଧ୍ୟରେ ଗତି କରୁଥିଲି । ସେଥିପାଇଁ ଆମ୍ଭେମାନେ ଆମର ପାଖରେ ବାସ କରୁଥିବା ପଡ଼ୋଶୀଙ୍କ ମାଧ୍ୟମରେ ତାଙ୍କୁ ଗୃହକୁ ନିମନ୍ତ୍ରଣ କଲୁ । ସେ ମୋ



ନିମନ୍ତେ ଅଶ୍ରୁର ସହିତ ପ୍ରାର୍ଥନା କରିବା ମୁଁ ଦେଖିଲି । ସେ ଅତି ପ୍ରେମରେ ମୋ ଶରୀରରେ ତୈଳ ପ୍ରଲେପ କରିଥିଲେ । ମୋତେ ଯୀଶୁଙ୍କର ଈଶ୍ୱରୀୟ ପ୍ରେମ ଆବୋରି ଧରିବା ମୁଁ ସ୍ପଷ୍ଟଭାବରେ ଅନୁଭବ କଲି । ତିନି ସପ୍ତାହର ଅବିରତ ପ୍ରାର୍ଥନା ପରେ ମୁଁ ବିଛଣାରୁ ଉଠିବାରେ ସକ୍ଷମ ହେଲି ଏବଂ ଖଟ ଉପରେ ବସିଲି । ଆଜି ପ୍ରଭୁ ଯୀଶୁ ମୋ ସହିତ ସର୍ବଦା ରହିଥିବାରୁ ମୁଁ କୌଣସି ବ୍ୟକ୍ତିଙ୍କର ସାହାର୍ଯ୍ୟ ବିନା ମଧ୍ୟ ଚାଲିପାରୁଅଛି । ଅନ୍ଧକାର ମଧ୍ୟରେ ଛନ୍ଦି ହୋଇଥିବା ଲୋକମାନଙ୍କର ନିମନ୍ତେ ବର୍ତ୍ତମାନ ଆମର ବାସଭବନ ଏକ ସୁସମାଚାର କେନ୍ଦ୍ର ଅଟେ । ପ୍ରଭୁ ଯୀଶୁଙ୍କର ନାମ ଗୌରବାନ୍ୱିତ ହେଉ । *- ଇବୋୟାମ୍ବା ସିଂ, ମଣିପୁର ।*

## ଯୀଶୁ ଆମର ଉଦ୍ଧାର କର୍ତ୍ତା

ମୋର ସ୍ୱାମୀଙ୍କର ପେଟ ସମସ୍ୟା ରହିଥିଲା । ଯେତେବେଳେ ଏହା ଶେଷ ସ୍ତରରେ ପହଞ୍ଚିଥିଲା ସେ ଅତିଶୟ ରୋଗାଗ୍ରସ୍ତ ହୋଇପଡ଼ିଲେ ଏବଂ ତାହାର ସଂକ୍ରମଣ ଯୋଗୁଁ ଶର୍ଯ୍ୟାଗ୍ରସ୍ତ ହେଲେ । କେବଳ ତାଙ୍କର ଚିକିତ୍ସା ନିମନ୍ତେ ଆମ୍ଭମାନଙ୍କର ପରିବାରରେ ଥିବା ସମସ୍ତ ଅର୍ଥ ଆମ୍ଭେମାନେ ଖର୍ଚ୍ଚ କଲୁ । ଆମ୍ଭେମାନେ ତାନ୍ତ୍ରିକ କାର୍ଯ୍ୟ ମଧ୍ୟ ମୋ ସ୍ୱାମୀଙ୍କ ଶରୀରରେ ସୁସ୍ଥତା ପାଇବା ନିମନ୍ତେ ପ୍ରୟୋଗ କଲୁ । ମାତ୍ର ତାହା ଆମ୍ଭମାନଙ୍କୁ ଆଦୌ ସାହାର୍ଯ୍ୟ କରିନଥିଲା । ଯେତବେଳେ ଆମ୍ଭେମାନେ ସଂପୂର୍ଣ୍ଣ ଭାବରେ ନିରାଶ ଓ ହତାଶ ହୋଇପଡ଼ିଥିଲୁ ସେହି ସମୟରେ ଶୁଭ ସମ୍ବାଦ ଆମ୍ଭମାନଙ୍କର ପାଖରେ ପହଞ୍ଚିଥିଲା । ଏହା ଭାସାଭା ଲୋକଦଳର କାର୍ଯ୍ୟକାରୀ ଜଲମ ସିଂଙ୍କ ମାଧ୍ୟମରେ ଆମ ଗ୍ରାମ ନାଉଗାମଠାରେ ପହଞ୍ଚିଥିଲା । "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକମାନେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି" - ପ୍ରଭୁ ଯୀଶୁଙ୍କର ଏହି ଆହ୍ୱାନ ଆମ୍ଭମାନଙ୍କର ହୃଦୟକୁ ଶକ୍ତିଯୁକ୍ତ କରିଥିଲା । କେବଳ ପ୍ରଭୁ ଯୀଶୁଙ୍କର ଯୋଗୁଁ ମୋର ସ୍ୱାମୀ ଛିଡ଼ା ହୋଇ ଚାଲିବା ନିମନ୍ତେ ସକ୍ଷମ ହେଲେ । ରାତ୍ରି ସମୟରେ ଆମ୍ଭମାନଙ୍କର ଗୃହକୁ ପରିଦର୍ଶନ କରିଥିବା ଯୀଶୁଙ୍କର ସେବକ ମାନଙ୍କର ନିମନ୍ତେ ଆମ୍ଭେମାନେ ପରମେଶ୍ୱରଙ୍କୁ ଗୌରବ କରୁଅଛୁ । ସେଥିପାଇଁ ମଧ୍ୟ ପରମେଶ୍ୱରଙ୍କର ଗୌରବ ହେଉ । *- ମାଇଲା ବେନ୍, ଗୁଜୁରାଟ*



RNI Regd. No. ORI/2000/1578| Postal Regd. No. HQ/SD/312/2024-2026- ODIA | Date of Publication 26.06.2024
Licensed to post without Prepayment - PMG/TS/HQR/SC-02/WPP/2024-2026
Return Requested: VISHWAVANI SAMARPAN
1-10-28/247, Anandapuram,
ECIL Post, Hyderabad-500062.

ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିବା ଲୋକମାନଙ୍କୁ, ଉପାସନା, ମଣ୍ଡଳୀ, ସହଭାଗିତା ଏବଂ ଶକ୍ତିଯୁକ୍ତ ସେବାକାର୍ଯ୍ୟ
ସୁସମାଚାର ଘୋଷଣା କରୁଥିବା ବ୍ୟକ୍ତିମାନଙ୍କୁ ସ୍ୱର୍ଗସ୍ଥ ପିତା ଉପହାର ସ୍ୱରୂପେ ପ୍ରଦାନ କରିଅଛନ୍ତି ।
ସମୟ ଆସୁଅଛି ଯଦ୍ୱାରା ସମସ୍ତ ସ୍ଥାନରେ ଲୋକମାନେ କେବଳ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଉପାସନା କରୁଥିବେ । ପରମେଶ୍ୱରଙ୍କ ପ୍ରଶଂସା ହେଉ ।




SOURA PAILEM, ODISHA - 12.05.24


BAIDABAJA, ODISHA - 19.05.24



PEDAGUDA, ODISHA - 18.05.24



BALLERUGUDA, A.P. - 26.05.24



VENKAYALAGEDDA, A.P. - 19.05.24



SULEZARI, MAHARASHTRA - 08.06.2024



MURCHUKONA, A.P. - 19.05.24



PAKKABU, A.P. - 09.06.2024

VISHWA VANI SAMARPAN - ODIA LANGUAGE
Printed and Published by P. Selvaraj on behalf of VISHWA VANI, a registered society ( Regn. No.17871 of 1987) and printed at CAXTON Offset Pvt. Ltd., 11-5-416/3, Red Hills, HYD-04. and published at 1-10-28/247, Anandapuram, ECIL Post, HYD-62. **POSTING DATE: 29.06.2024.** EDITOR: P. SELVARAJ.